READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୨୪ ୨୬ ଜୁନ୍ - ୦୨ ଜୁଲାଇ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-24 26th JUNE - 02nd JULY, 2023 BHUBANESWAR ₹ 5/- (8 Pages)

### କୁବେର ଓଏଏସ୍‌ଙ୍କ ରାଜନୀତି ଲିଙ୍କ୍ !

## କାହା ଟଙ୍କା ରଖିଥିଲେ ପ୍ରଶାନ୍ତ



**ଭୁବନେଶ୍ୱର :** ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ତଥା ୧୯୯୨ ବ୍ୟାଚ୍ ଓଏଏସ୍ ପ୍ରଶାନ୍ତ କୁମାର ରାଉତଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ମୋଟ ୩ କୋଟି ୨ଲକ୍ଷ ୩୦ହଜାର ୮୦୦ଟଙ୍କା ନଗଦ ଜବତ କରିଛି । ଯାହାକି ରାଜ୍ୟ ଭିଜିଲାନ୍ସ ଇତିହାସରେ ଜବତ ନଗଦ ଟଙ୍କା ମଧ୍ୟରେ ଦ୍ୱିତୀୟ ସର୍ବାଧିକ। ତେବେ ୨୦୧୮ ନଭେମ୍ବରରେ ୧ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ୨୦୨୦ ଜାନୁୟାରୀ ପର୍ଯ୍ୟନ୍ତ ନିଲମ୍ବିତ ଥିବା ପ୍ରଶାନ୍ତଙ୍କଠୁ କିଭଳି ଏତେ ଟଙ୍କା ନଗଦ ମିଳିଲା ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା। ପ୍ରଶାନ୍ତଙ୍କର ରାଜନୀତିକ ଲିଙ୍କ୍ ଥିବା ଓ ସେ ଜଣେ ପ୍ରଭାବଶାଳୀ ବିଜେଡି ନେତାଙ୍କର ଟଙ୍କାକୁ ନିଜ ପାଖରେ ରଖିଥିବା ସନ୍ଦେହ କରାଯାଉଛି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭଦ୍ରକରେ ଜନ୍ମିତ ପ୍ରଶାନ୍ତ ରାଉତଙ୍କ ଘରେ ଭିଜିଲାନ୍ସ ଚଢ଼ଉବେଳେ ନଗଦ ୩.୦୨କୋଟି ଟଙ୍କା ବ୍ୟାଙ୍କ ଓ ଇନସ୍ୟୁରାନ୍ସରେ ୬୨ଲକ୍ଷ ଟଙ୍କା ଡିପୋଜିଟ୍ (୨୦୧୯ ମସିହା ପରେ ବେନାମୀ ଆକାଉଣ୍ଟରେ ୨୧ଲକ୍ଷ ଟଙ୍କା ଜମା) ହୋଇଥିବା ଜାଣିବାକୁ ପାଇଛି। ସେହିପରି ଭୁବନେଶ୍ୱରର କାନନ ବିହାର ଅଞ୍ଚଳରେ ଏକ ବହୁତଳ କୋଠା, କଟକ ଓ ଭୁବନେଶ୍ୱରରେର ପ୍ରମୁଖ ସ୍ଥାନରେ ୪ଟି ମୂଲ୍ୟବାନ ପ୍ଲଟ୍ , ଉମରକୋଟରେ ଗୋଟିଏ ବେନାମୀ ପ୍ଲଟ୍ ଜବତ ହୋଇଛି। ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରଶାନ୍ତ ମୋଟ ୮୭ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କର ୨ଟି ଚାରିଚକିଆ ଯାନ, ୨୧.୩୫ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାରକୁ ଜବତ କରାଯାଇଛି ବୋଲି ଭିଜିଲାନ୍ସ କହିଛି। ଭିଜିଲାନ୍ସ ଏବେ ତାଙ୍କର ସମ୍ପତ୍ତିର ଅଧିକ ଖୋଳତାଡ଼ କରୁଛି। ଭିଜିଲାନ୍ସ ସୂଚନା ଅନୁସାରେ ପ୍ରଶାନ୍ତ ୨୦୧୮ ମସିହାରେ ବିଶ୍ରା ବ୍ଲକ ବିଡିଓ ଥିବାବେଳେ ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ୨୦୧୮ ନଭେମ୍ବର ୬ରେ ପ୍ରଶାନ୍ତଙ୍କୁ ଚାକିରିରୁ ନିଲମ୍ବିତ ହେବାକୁ ପଡ଼ିଥିଲା ଓ ୨୦୨୦ ଜାନୁୟାରୀ ୧୮ରେ ନିଲମ୍ବନ ହଟିଥିଲା ତଥା ସେ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ପୁନଃ ଅବସ୍ଥାପିତ ହୋଇଥିଲେ। ତେବେ ସେ ନିଲମ୍ବିତ ଥିବାବେଳେ ୨୦୧୯ ମସିହା ପରଠୁ ଭୁବନେଶ୍ୱରର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ପ୍ରଶାନ୍ତ ଜମା କରିଥିବା ଏହି ୨୧ଲକ୍ଷ ଟଙ୍କାର ବେନାମୀ ଜମା ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ପ୍ରଶାନ୍ତ ୧୯୯୨ ମସିହାରେ ଓଏଏସ୍ ଅଫିସର ଭାବେ ପ୍ରଶାସନିକ ସେବାରେ ଯୋଗ ଦେବା ପରେ କେନ୍ଦ୍ରାପଡ଼ା, ଯାଜପୁର, ➤ ପୃ-୬

### ଗୁମର ଖୋଲିଲା ସିଏଜି ରିପୋର୍ଟ

## ୨.୧୦ଲକ୍ଷ ହେକ୍ଟର ଜମିର ମାଲିକାନା ହରାଇଛନ୍ତି ଆଦିବାସୀ



**ଭୁବନେଶ୍ୱର :** ଆଦିବାସୀଙ୍କ ସ୍ୱାର୍ଥ, ସୁରକ୍ଷା ଓ ବିକାଶ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ଦମ୍ଭୋକ୍ତି ବାଢୁଥିବା ରାଜ୍ୟର କ୍ଷମତାସୀନ ନବୀନ ପଟ୍ଟନାୟକ ସରକାରରେ ଆଦିବାସୀମାନେ ୨.୧୦ଲକ୍ଷ ହେକ୍ଟର ଜମି ଉପରୁ ନିଜର ମାଲିକାନା ସତ୍ୱ ହରାଇଛନ୍ତି। ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ରାଜ୍ୟର ଆଦିବାସୀଙ୍କ ଜମି ପରିମାଣ ୧୭.୪୮ଲକ୍ଷ ହେକ୍ଟରରୁ ହ୍ରାସ ପାଇ ୧୫.୩୮ଲକ୍ଷ ହେକ୍ଟରରେ ରହିଛି। ଏପରିକି ଆଦବାସୀଙ୍କ ଜମିର ହିସାବ ସରକାରୀ ଭାବେ ଜିଲ୍ଲା ଓ ତହସିଲସ୍ତରରେ ବି ରଖିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଇନାହାନ୍ତି। ସିଏଜି ଏସବୁ ଦିଗକୁ ଦର୍ଶାଇବା ସହ ନିଜର ଚିଠା ଅଡିଟ୍ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ସମେତ ବିଭିନ୍ନ ଦଳ ଏବେ ରାଜ୍ୟର ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିଥିବାବେଳେ ସିଏଜିଙ୍କ ଚିଠା ଅଡିଟ୍ ରିପୋର୍ଟ ନବୀନ ପଟ୍ଟନାୟକ ସରକାରର ଆଦିବାସୀ ପ୍ରୀତିର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ସିଏଜିଙ୍କ ଚିଠା ଅଡିଟ୍ ରିପୋର୍ଟ ଅନୁସାରେ ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ମୋଟ କୃଷି ଜମି ପରିମାଣ ୫୦.୧୯ଲକ୍ଷ ହେକ୍ଟରରୁ ୪୬.୧୯ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି। ତେବେ ଏହି ଅବଧି ମଧ୍ୟରେ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କ ଜମି ପରିମାଣ ବୃଦ୍ଧି ପାଇଥିବାବେଳେ ଆଦିବାସୀ ବର୍ଗର ଲୋକଙ୍କ ଜମି ମାଲିକାନାରେ ପ୍ରାୟ ୧୨ ପ୍ରତିଶତ ହ୍ରାସ ହୋଇଛି। ➤ ପୃ-୬

## ଓଡ଼ିଶାରେ ଶାସନ କିଏ ଚଳାଉଛି : ଜେପି ନଡ୍ଡା

**ଭୁବନେଶ୍ୱର :** ଓଡ଼ିଶାରେ ଦୀର୍ଘ ୨୩ବର୍ଷ ଧରି ଚାଲିଛି ଭ୍ରଷ୍ଟାଚାରୀ ସରକାର। କେନ୍ଦ୍ର ସରକାର ଓଡିଶାକୁ କୋଟି କୋଟି ଟଙ୍କା ସହାୟତା ଯୋଗାଇ ଦେଉଛନ୍ତି ଅଥଚ ତାହାକୁ ରାଜ୍ୟ ସରକାର ବାଟମାରଣା କରିବା ସହ ଖର୍ଚ୍ଚ ନକରି ଓଡ଼ିଶାକୁ ଗରୀବ କରି ଚାଲିଛନ୍ତି। ଓଡ଼ିଶାରେ ଶାସନ କିଏ ଚଳାଉଛି ? ଅଫିସର ନା ନେତା ? କାହା ଇଙ୍ଗିତରେ ଓଡ଼ିଶାର ଶାସନ ଚାଲିଛି ? ବିରୋଧୀଙ୍କ କଥା ଛାଡନ୍ତୁ ଏଠି ଶାସକ ବିଜେଡିର ବିଧାୟକ ଓ ସାଂସଦମାନଙ୍କ କଥା ମଧ୍ୟ କେହି ଶୁଣନ୍ତି ନାହିଁ। ଅଫିସରମାନେ ଓଡ଼ିଶାରେ ରାଜ୍ କରୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକ ୟେସ୍ ୟେସ୍ କହି ସମସ୍ତ କଥାକୁ ସମର୍ଥନ କରୁଛନ୍ତି। ରାଜ୍ୟ ଶାସନ ବ୍ୟବସ୍ଥା ଏବେ ଆଉଟ ସୋସିଂରେ ଚାଲିଛି। ପ୍ରଶାସନିକ ଅଧିକାରୀ ଏବେ ଆଉଟସୋର୍ସ ପାଉଟିଛନ୍ତି। ନବୀନ ପଟ୍ଟନାୟକ କିମ୍ବା ନିର୍ବାଚିତ ଦଳୀୟ ନେତା ସରକାର ଚଳାଉ ନାହାନ୍ତି। ଜନତା ଭୋଟ କାହାକୁ ଦେଇଛନ୍ତି, ଅଥଚ ସରକାର ଆଉ କିଏ ଚଳାଉଛି ! ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅସମର୍ଥ ହେତୁ ଜଣେ ଅଧିକାରୀଙ୍କୁ ଠିକାରେ ରଖି ସରକାର ଚଳାଉଛନ୍ତି। ଏଭଳି ସରକାର ଦରକାର ନାହିଁ ବୋଲି ଭବାନିପାଟଣା ମହା ଜନସମ୍ପର୍କ ଅଭିଯାନ ସମାବେଶରେ ଯୋଗଦାନ କରି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଅତ୍ୟନ୍ତ କଠୋରଭାବେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଶ୍ରୀ ନଡ୍ଡା ଭବାନିପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀଙ୍କ ଦର୍ଶନ କରି ଆର୍ଶୀବାଦ ନେବା ସହ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ୯ବର୍ଷ ପୂର୍ତି ଅବସରରେ ବିଶାଳ ଜନସମାବେଶରେ "ଜୟ ଜଗନ୍ନାଥ"ର ଭାବଗମ୍ଭୀର



ଧ୍ୱନି ଦେଇ ଏବେ ବିଜେଡିର ପତନର ସମୟ ଆସିଗଲାଣି ବୋଲି ଦୃଢ଼ କଣ୍ଠରେ କହିଛନ୍ତି। ଆଗାମୀ ଦିନରେ ଦିଲ୍ଲୀରେ ପୁଣି ଥରେ ବିଜେପି ସରକାର ଗଠନ କରିବା ସହିତ ଓଡ଼ିଶାରେ ମଧ୍ୟ ବିଜେପି ସରକାର ଗଠନ କରିବ। ଓଡ଼ିଶାବାସୀ ଚାହୁଁଛନ୍ତି ଓଡ଼ିଶାରେ ଡବଲଇଞ୍ଜିନ ସରକାର ହେବ। ଏଭଳି ଭ୍ରଷ୍ଟାଚାରୀ, ଅପାରଗ ଓ ଠିକାରେ ଚାଲୁଥିବା ସରକାରକୁ ୨୦୨୪ରେ ଓଡ଼ିଶାବାସୀ ପ୍ରତ୍ୟାଖ୍ୟାନ କରିବେ। ନବୀନ ବାବୁ ଦୀର୍ଘଦିନ ଶାସନ ଗାଦିରେ ରହିଥିଲେ ବି ଏଯାଏ ମୁଣ୍ଡ ପିଛା ଆୟରେ ଓଡ଼ିଶା ସବୁଠୁ କମ, ଚାଷୀଙ୍କ ଆୟ ବି ଓଡ଼ିଶାରେ କମ୍ ହେବା ସହ ମହିଳା ବିରୋଧୀରେ ଓଡ଼ିଶା ୧ନମ୍ବର। ଏବେ ୫୦-୫୦ ପିସିରେ ଚାଲିଛି ଓଡିଶା ସରକାର। ଓଡ଼ିଶାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବାକୁ ନବୀନ ବାବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କଲେ ନାହିଁ। ଏହି ଅବସରରେ ଦଳର ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମଞ୍ଚରେ ଉତ୍ତରୀୟ ପ୍ରଦାନ କରି ଶ୍ରୀ ନଡ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ନଡ୍ଡାଙ୍କ ଗୁରୁଗମ୍ଭୀର ଭାଷଣ ପ୍ରସଙ୍ଗରେ ପ୍ରଥମେ ବାହାନଗାର ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଥିଲେ ଯେ, ଟ୍ରେନ ଦୁର୍ଘଟଣା ସ୍ଥଳକୁ ପ୍ରଧାନମନ୍ତ୍ରୀ ଆସିଥିଲେ। ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରି ସମସ୍ତ ବ୍ୟବସ୍ଥା ସହ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି। ଏବେ ଭାରତ ବିକାଶଶୀଳ ଦେଶ ନୁହେଁ, ବିକଶିତ ରାଷ୍ଟ୍ର ହେବ। ପ୍ରଧାନମନ୍ତ୍ରୀ ଆମେରିକାରେ ବିଶ୍ୱର ସମସ୍ତ ବିଶିଷ୍ଟ ନେତାମାନଙ୍କୁ ଭେଟିଛନ୍ତି। ମୋଦିଙ୍କ ନେତୃତ୍ୱ ଦେଶକୁ ନୂଆ ଦିଶା ଦେଇଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ "ବସ୍" ବୋଲି ସମ୍ବୋଧିତ କରିବା ସହ ସମଗ୍ର ବିଶ୍ୱର ରାଷ୍ଟ୍ରସମୂହ ମୋଦିଙ୍କୁ ସମ୍ମାନିତ କରୁଛନ୍ତି। ସବୁଠି ମୋଦିଜୀଙ୍କ ➤ ପୃ-୬

### ବକ୍ରବାଣୀ



ଆଣ୍ଠୁକୁଡ଼ା ସାଙ୍ଗେ ମାଇପଛଡ଼ା
ଦିହେଁ ମିଶିକିରି କରନ୍ତି ଲୀଳା
ଆମକୁ ସପନ ଦେଖେଇ କେତେ
କାମ ସରିଗଲେ ଦିଅନ୍ତି କୀଳା
କାମ ଥିଲା ବେଳେ ଗପ ଶୁଣାନ୍ତି
ସୁନେଲି ସପନ ଦେଖାନ୍ତି କେତେ
ଭୁଲିଯା'ନ୍ତି ସବୁ ସଇଲେ କାମ
ମାରନ୍ତି ଆମକୁ ପାରନ୍ତି ଯେତେ
ଗରୀବ ଧନରେ କରନ୍ତି ନାଟ
ଦେଉଳ ସଜାରେ ପୁରେକି ପେଟ !

——— ଟୁଟୁ

### ବିଜେଡିକୁ ଘାରିଲାଣି ଗୋଷ୍ଠୀ କନ୍ଦଳ ଭୟ

## କିଛି ନେତାଙ୍କୁ ଆଗୁଆ ଗ୍ରୀନ୍ ସିଗ୍‌ନାଲ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି କରୁଥିବା ଶାସକ ବିଜେଡି ଏବେ ଦଳୀୟ ଗୋଷ୍ଠୀକନ୍ଦଳକୁ ପ୍ରଶମିତ କରିବା ଓ ଦଳଡିଆଁ ଉପରେ ନିୟନ୍ତ୍ରଣ ନିମନ୍ତେ ଅଧାରୁ ଅଧିକ ବିଧାନସଭା ଆସନରେ ଆଗୁଆ ଦଳୀୟ ପ୍ରାର୍ଥୀଙ୍କୁ ଗ୍ରୀନ୍ ସିଗ୍‌ନାଲ ଦେଇଛି। ବିଜେଡି ଇତିହାସରେ ପ୍ରଥମଥର ପାଇଁ ଦଳ ନିଜର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ପ୍ରସ୍ତୁତ ରହିବାକୁ ଆଗୁଆ ସଙ୍କେତ ଦେଇଛି। ଅକ୍ଷୟ ତୃତୀୟାରୁ ରଥଯାତ୍ରା ମଧ୍ୟରେ ୩ଥରରେ ମୋଟ୍ ୭୯ଜଣ ନେତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଗ୍ରୀନ୍ ସିଗନାଲ ଦେଇଥିବାବେଳେ ସେଥିରୁ ୭ଜଣ ଅଣବିଧାୟକ ବୋଲି ବିଜେଡି ସୂତ୍ରରୁ ସୂଚନା ମିଳିଛି। ତେବେ ବିଜେଡି ନେତୃତ୍ୱ ଯେଉଁ ଢଙ୍ଗରେ ଗ୍ରୀନ୍ ସିଗନାଲ ଦେଉଛନ୍ତି ତାହା ଗ୍ରୀନ୍ ସିଗନାଲ ପାଉଥିବା ଦଳର କିଛି ନେତାଙ୍କ ଦ୍ୱନ୍ଦ୍ୱ ଓ ଆଶଙ୍କା ବଢ଼ାଇ ଦେଇଛି। ବିଜେଡି ସୂତ୍ର ଅନୁସାରେ, ବିଜେଡି ସୁପ୍ରିମୋ ଗତ ଅକ୍ଷୟ ତୃତୀୟା ତିଥିରୁ ଦଳୀୟ ଟିକେଟ୍ ଆଶାୟୀ ନିଜର କିଛି ବିଧାୟକ ଓ ନେତାମାନଙ୍କୁ ନବୀନ ନିବାସ ଡାକି ଆଗାମୀ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। "ଆପଣଙ୍କ ସର୍ଭେରେ ଭଲ ଆସିଛି। ଏରିଆରେ ଅଧିକ ଫୋକସ କରନ୍ତୁ। ଯେଉଁଭଳି ମାର୍ଜିନ୍ ଅଧିକ ରହିବ ତାହା ଦେଖନ୍ତୁ।" ନବୀନ ନିବାସ ଡକାଯାଇ ଯେଉଁ ନେତାମାନଙ୍କୁ ଏହି ୩ପଦ କଥା କୁହାଯାଉଛି ସେମାନେ ବେଶ୍ ଉତ୍ସାହିତ ହୋଇ ଫେରୁଛନ୍ତି। କେତେକ ଏହାକୁ ଆଗାମୀ ନିର୍ବାଚନ ପାଇଁ ଟିକେଟ୍ କନଫର୍ମ ବୋଲି ଭାବୁଥିବାବେଳେ ଆଉ କିଛି ସେମାନଙ୍କ ଅଞ୍ଚଳରେ ଚାଲିଥିବା ସମାନ୍ତରାଳ ସଂଗଠନକୁ ପ୍ରଶମିତ କରିବା ନିମନ୍ତେ ଦଳ ପକ୍ଷରୁ ଏହା ସୁଚିନ୍ତିତ ରଣନୀତି ଭାବେ ବିବେଚନା କରୁଛନ୍ତି। ଅବଶ୍ୟ ଯେଉଁ ନେତାମାନଙ୍କୁ ନବୀନ ନିବାସ ଡକାଯାଉଛି, ସେଥିରୁ କିଛି ନେତାଙ୍କୁ ନିବୀନ ନିବାସର କର୍ମଚାରୀଙ୍କ ଦ୍ୱାରା ଫୋନ୍ କଲ୍ ଯାଉଥିବାବେଳେ ଆଉ କିଛି ନେତାଙ୍କୁ ଦଳର ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ମାଧ୍ୟମରେ କଲ୍ ଯାଉଥିବା ଜଣାପଡ଼ିଛି। ଅକ୍ଷୟ ତୃତୀୟାରେ 'ଶଙ୍ଖ ଭବନ' ଉଦଘାଟନ ଦିନ ସକାଳେ ମୋଟ ୪୫ଜଣ ବିଧାୟକଙ୍କୁ ନବୀନ ନିବାସ ଡକାଯାଇ ଏହି ୩ପଦ କଥା କହିଥିବାବେଳେ ମେ' ଶେଷ ସପ୍ତାହରେ ଆଉ ୧୩ଜଣ ଏବଂ ରଥଯାତ୍ରା ଓ ତା'ପରଦିନ ଅପରାହ୍ନରେ ଆଉ ୨୧ଜଣ ବିଧାୟକ ଓ ନେତାଙ୍କୁ ଡାକି ଏଭଳି ଭରସା ଦେଇଛନ୍ତି। ସୂଚନା ଅନୁସାରେ ଦଳରେ ବଢୁଥିବା ଗୋଷ୍ଠୀକନ୍ଦଳ ଓ ସମାନ୍ତରାଳ ସଂଗଠନ, ଗତଥର ଭଳି ଟିକେଟ୍ କିଣାବିକାକୁ ଏଡ଼ାଇବା ଏବଂ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କୁ ହେଉଥିବା ବିରୋଧକୁ ଦୃଷ୍ଟିରେ ରଖି ଦଳୀୟ ନେତୃତ୍ୱ ଏସବୁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ଗ୍ରୀନ୍ ସିଗନାଲ ଦେଉଛନ୍ତି। ପୁରୀରୁ ସମ୍ବଲପୁର, ନୟାଗଡ଼ରୁ ସୁନ୍ଦରଗଡ଼, ଜଗତସିଂହପୁରରୁ ➤ ପୃ-୬

### ବଦଳିବ ଏକାମ୍ରକ୍ଷେତ୍ରର ରୂପରେଖ

### କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କଲେ ୫-ଟି ସଚିବ



**ଭୁବନେଶ୍ୱର :** ଆସନ୍ତା ଜୁନ୍ ୨୬ରୁ ଆରମ୍ଭ ହେବ ଏକାମ୍ରକ୍ଷେତ୍ର ଆମେନିଟିଜ୍ ଆଣ୍ଡ ମନ୍ୟୁମେଣ୍ଟସ୍ ରିଭାଇଭାଲ୍ ପ୍ଲାନ କାମ। ହୋମଯଜ୍ଞ, ବେଦପାଠ, ମନ୍ତ୍ରଧ୍ୱନୀ ଓ ସଙ୍କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶରେ ପ୍ରକମ୍ପିତ ହେବ ଏକାମ୍ରକ୍ଷେତ୍ର। ଏହାପୂର୍ବରୁ ପ୍ରଭୁ ଲିଙ୍ଗରାଜ ମନ୍ଦିର ଯାଇ ଅନୁଧ୍ୟାନ କରିଛନ୍ତି ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ। ପ୍ରଥମେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ ଯଜ୍ଞ ହେବାକୁ ଥିବା ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ। ➤ ପୃ-୬




### ଇଚ୍ଛାଧୀନ କୋଟା ପାଇଁ ସରକାରୀ ଦରଦ

## ପୁଣି ଥରେ ସଂଶୋଧନ

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ଘର ଓ ପ୍ଲଟକୁ ରଦ୍ଦ କରିବା ନିମନ୍ତେ ତାରା ଦତ୍ତକମିଟି (ଟାସ୍କଫୋର୍ସ)ର ସୁପାରିଶକୁ ୯ବର୍ଷ ତଳେ ରାଜ୍ୟ କ୍ୟାବିନେଟ୍ ଗ୍ରହଣ କରି ଯେଭଳି କିଛି ଗୋଟେ ମସ୍ତବଡ଼ ଭୁଲ୍ କରିଦେଇଛନ୍ତି। ଟାସ୍କଫୋର୍ସ ସୁପାରିଶକୁ ବାରମ୍ବାର ସଂଶୋଧନ କରି ଇଚ୍ଛାଧୀନ କୋଟାକୁ ବୈଧ କରିବା ପାଇଁ ଏବେ ସରକାର ଲାଗି ପଡ଼ିଛନ୍ତି। ସେଇଥିପାଇଁ ଇଚ୍ଛାଧୀନ କୋଟା ସଂକ୍ରାନ୍ତ ତାରାଦତ୍ତ ଟାସ୍କଫୋର୍ସଙ୍କ ଯେଉଁ ସୁପାରିଶକୁ ରାଜ୍ୟ କ୍ୟାବିନେଟ୍ ୨୦୧୪ ଡିସେମ୍ବର ୧୮ତାରିଖରେ ଅନୁମୋଦନ କରିଥିଲେ ଏବେ ବିଗତ ୭ମାସ ମଧ୍ୟରେ ଏହାର ଦୁଇ ଦୁଇଥର ସଂଶୋଧନ କରି ଇଚ୍ଛାଧୀନ କୋଟାକୁ ପୁଣି ଥରେ ବୈଧ କରିଛନ୍ତି ସରକାର। ସରକାରୀ ଜମିକୁ ନିଜର ପ୍ରଭାବ ବଳରେ ହାତେଇଥିବା ବ୍ୟକ୍ତିମାନଙ୍କୁ ଆଇନଗତ ମାଲିକାନା ହକ୍ କିଭଳି ଦେଇହେବ ଓ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ମାଲିକାନା ସୁବିଧାସୁଯୋଗ ପ୍ରଦାନ କରିହେବ ସେ ନେଇ ରାଜ୍ୟ ସରକାରଙ୍କ ଦରଦ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ୭ମାସ ବ୍ୟବଧାନରେ ଦ୍ୱିତୀୟ ଥର ପାଇଁ ଟାସ୍କଫୋର୍ସଙ୍କ ନିଷ୍ପତ୍ତିରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ତେବେ ରାଜ୍ୟ କ୍ୟାବିନେଟ୍ ବିବରଣୀରେ ଇଚ୍ଛାଧୀନ କୋଟା ସଂକ୍ରାନ୍ତ ଟାସ୍କଫୋର୍ସର ଉଲ୍ଲେଖ ଥିଲେ ମଧ ଟାସ୍କଫୋର୍ସର ଅଧକ୍ଷ ତାରା ଦତ୍ତଙ୍କ ନାଁ କୌଣସି ସ୍ଥାନରେ ସରକାରୀ ଭାବେ ଉଲ୍ଲେଖ ହୋଇନି, ଏପରିକି ପ୍ରେସ୍ ବିବୃତ୍ତିରେ ବି ତାରା ଦତ୍ତଙ୍କ ନାଁ ବାଦ୍ ଦିଆଯାଇଥିବା ଦେଖିବାକୁ ମିଳିଛି। ପ୍ରେସ୍ ବିବୃତ୍ତି ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିରେ ଟାସ୍କଫୋର୍ସ ରିପୋର୍ଟ ପରିଶିଷ୍ଟ ଭିଏରେ ଉଲ୍ଲେଖିତ ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକରେ ଲିଜ୍ ଦଲିଲ ସମ୍ପାଦନ ଓ ଅନ୍ୟାନ୍ୟ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟାବଳୀ ସମ୍ପର୍କିତ ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛନ୍ତି। ଟାସ୍କଫୋର୍ସ ତାଙ୍କର ରିପୋର୍ଟର ଅନୁଚ୍ଛେଦ ୪୮(୭)ରେ ସୁପାରିଶ କରିଛନ୍ତି ଯେ, ଇଚ୍ଛାଧୀନ କୋଟା ଆବଣ୍ଟନଗ୍ରାହୀ ଓ ଏକାଧିକ ଆବଣ୍ଟନଗ୍ରାହୀମାନଙ୍କ ଦ୍ୱାରା ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକ ରଦ୍ଦ କରାଯିବା ଉଚିତ୍। ଅଧିକନ୍ତୁ ଏହି ରିପୋର୍ଟରେ ଏହା ମଧ ସୂଚିତ ହୋଇଛି ଯେ, ନ୍ୟାୟସଙ୍ଗତ ଉପାୟରେ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ପ୍ରାପ୍ତ ହୋଇଥିବା ଏକକ ପ୍ଲଟ/ ଗୃହ/ ଫ୍ଲାଟର ଆବଣ୍ଟନ କ୍ଷେତ୍ରରେ ଏହା ରଦ୍ଦ କରାଯିବ ନାହିଁ। ତେଣୁ କ୍ୟାବିନେଟ୍ ନିଷ୍ପତ୍ତି ନେଲେ ଯେ, ନ୍ୟାୟସଙ୍ଗତ ଉପାୟରେ ଓ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ଆବଂଟିତ ହୋଇଥିବା ଏକକ ପ୍ଲଟ/ଫ୍ଲାଟ/ଗୃହ ଯାହା ଦଖଲ ସ୍ୱତ୍ୱ ଭିତ୍ତିରେ ପରବର୍ତ୍ତୀ ସମୟରେ ମୂଳ ଆବଂଟନଗ୍ରାହୀମାନଙ୍କ ଦ୍ୱାରା ବିଧିସମ୍ମତ ଉତ୍ତରାଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି, ସେଭଳି ମାମଲାଗୁଡ଼ିକୁ ଟାସ୍କଫୋର୍ସ ରିପୋର୍ଟ ପରିଧିରୁ ବାଦ୍ ଦିଆଯିବ। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଇଚ୍ଛାଧୀନ କୋଟାକୁ ନେଇ ହଟଚମଟ ପରେ ୨୦୧୧ ମସିହାରେ ସମସ୍ତ ଇଚ୍ଛାଧୀନ କୋଟାକୁ ରଦ୍ଦ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ କାହିଁକି ଇଚ୍ଛାଧୀନ କୋଟାଧାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ନିଜେ ଗଢ଼ିଥିବା ତାରାଦତ୍ତ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। ଭିଡ ବା ଗହଳିକୁ ଯାଆନ୍ତୁ ନାହିଁ। କ୍ଷତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତତା ବଢ଼ିବ। ଜୀବନସାଥୀ ସମ୍ବନ୍ଧରେ ଶୁଭ ଫଳ ଯୋଗ ଅଛି। ଗଳାରେ କଷ୍ଟ ହୋଇପାରେ। ସତର୍କତା ଅବଲମ୍ବନ କରନ୍ତୁ।

**ବୃଷ** ବ୍ୟବସାୟରେ ପ୍ରତିବନ୍ଧକ ଦେଖାଯିବ। ଯାନବାହନରେ ଖର୍ଚ୍ଚ ବଢ଼ିପାରେ। ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ଜୀବନସାଥୀଙ୍କ ସହ ମତାନ୍ତର ହୋଇପାରେ। ବିଦେଶ ଭ୍ରମଣ ଯୋଗ ରହିଛି।

**ମିଥୁନ** ପେଟରେ ସମସ୍ୟା ହୋଇପାରେ। ଅଯଥା ବିବାଦରୁ ଦୂରେଇ ରହନ୍ତୁ। ଅଚାନକ ଆୟ ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ କିଛି ଶୁଭ ସମାଚାର ପାଇବେ। ପ୍ରେମୀଙ୍କ ସହ ଭ୍ରମଣରେ ଯାଇପାରନ୍ତି।

**କର୍କଟ** ରୋକିଥିବା କାମ ସମାଧାନ ହେବ। ଦୁଇଟି ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ସନ୍ତାନଙ୍କ ପାଇଁ ଖର୍ଚ୍ଚ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ମତଭେଦ ହେବ। ଜୀବନସାଥୀଙ୍କର ହାଡରେ କଷ୍ଟ ହୋଇପାରେ।

**ସିଂହ** ମନ ଶାନ୍ତ ରହିବ। ପରିବାରରେ ସୁଖର ପରିବେଶ ରହିବ। ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସାକାରାତ୍ମକ ଫଳ ମିଳିବ। ଜୀବନସାଥୀଙ୍କ ସହ ସମ୍ପର୍କ ଦୃଢ଼ ହେବ। ନୂତନ ଗାଡି କ୍ରୟ କରିପାରନ୍ତି।

**କନ୍ୟା** ମନ ବ୍ୟସ୍ତ ରହିବ। ପରିବାରରେ ଅସୁସ୍ଥତା ବଢ଼ିବ। ଧନପ୍ରାପ୍ତି ଯୋଗ ଅଛି। ଯାନବାହନରେ ଧନ ଖର୍ଚ୍ଚ ହେବ। ସ୍ଥାନ ପରିବର୍ତ୍ତନ ଯୋଗ ଅଛି। ଜୀବନସାଥୀଙ୍କୁ ନୂଆ କାମ ପାଇବେ।

**ତୁଳା** ବୀପରିତ ରାଜଯୋଗ ଅଛି। ପେଟରେ ଯନ୍ତ୍ରଣା ହୋଇପାରେ। ଆୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ପ୍ରେମୀ କିଛି ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ କରିପାରନ୍ତି।

**ବିଛା** ଆୟ ଓ ବ୍ୟୟରେ ବରାବର ବୃଦ୍ଧି ହେବ। କିଛି ନୂଆ କାମ ଶିଖିବେ। ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସମ୍ପର୍କରେ ଦୃଢ଼ତା ବଢ଼ିବ। କିଛି ନୂଆ କାମ କରିପାରନ୍ତି। ଚାକିରି କ୍ଷେତ୍ରରେ ଭଲ ସମୟ ଆସିବ।

**ଧନୁ** ପରିବାରରେ ସୁଖ ସୁବିଧା ପାଇଁ ଖର୍ଚ୍ଚରେ ବୃଦ୍ଧି ହେବ। ଭ୍ରମଣ ଯୋଗ ଅଛି। ବାଣୀରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ନୂଆ ପଦୋନ୍ନତି ହୋଇପାରେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ।

**ମକର** ଗାଡି ଦୁର୍ଘଟଣା ଯୋଗ ଅଛି। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ଯୋଗ ଅଛି। କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଚାପ ବଢ଼ିପାରେ। ଜୀବନସାଥୀ ରାଜନୀତିରେ ମନ ଦେବେ। ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ** କ୍ରୋଧ ନିୟନ୍ତ୍ରଣ କରନ୍ତୁ। ଝଗଡା ହୋଇପାରେ। ଧନ ସ୍ଥିତି ଦୃଢ଼ ହେବ। ଘର ମରାମତି କରିପାରନ୍ତି। କାମ କ୍ଷେତ୍ରରେ ମତାନ୍ତର ହୋଇପାରେ। ଜୀବନସାଥୀଙ୍କ ପାଖରେ ଶାନ୍ତ ରହନ୍ତୁ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** କୌଣସି ଶୁଭ ସୂଚନା ପାଇଷବ। ଅଚାନକ ଶାରୀରିକ କଷ୍ଟ ପାଇପାରନ୍ତି। ଦୂରଯାତ୍ରା କରିପାରନ୍ତି। ନୂଆ ଚାକିରି ବା ସୁଯୋଗ ପାଇବେ। ଜୀବନସାଥୀଙ୍କର ଅସୁସ୍ଥତା ପାଇଁ ଚିନ୍ତିତ ରହିବେ। ଗୃହରେ ଶାନ୍ତି ବଜାୟ ରହିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୫ ବର୍ଷରେ ଚାକିରି ଛାଡିଲେଣି ୫୦ ହଜାର ଯବାନ

**ନୂଆଦିଲ୍ଲୀ:** କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପ୍ରତି ଯବାନ ଓ କ୍ୟାଡର ଅଧିକାରୀମାନେ କାହିଁକି ନିରାଶ ହେଉଛନ୍ତି? ସେମାନେ କାହିଁକି ଅଧାରୁ ଚାକିରି ଛାଡି ଯାଉଛନ୍ତି। ଯଦି ଆମେ ଗତ ପାଞ୍ଚ ବର୍ଷ ବିଷୟରେ କଥା ହେବା, ସିଆରପିଏଫ୍, ବିଏସ୍ଏଫ୍, ଆଇଟିବିପି, ଏସ୍ଏସ୍ବି, ସିଆଇଏସ୍ଏଫ୍ ଏବଂ ଆସାମ ରାଇଫଲ୍ସରୁ ୫୦୧୫୫ କର୍ମଚାରୀ ଚାକିରି ଛାଡି ସାରିଲେଣି। କେବଳ ଏତିକି ନୁହେଁ ଆତ୍ମହତ୍ୟା ମାମଲା ମଧ୍ୟ ବୃଦ୍ଧି ପାଉଛି। ଗୃହ ବିଭାଗ ଉପରେ ସଂସଦୀୟ ସ୍ଥାୟୀ କମିଟି ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। କମିଟି ଏହାର ୨୪୨ତମ ରିପୋର୍ଟରେ ସ୍ପଷ୍ଟ ଭାବେ କହିଛି ଯେ ଯବାନ ଏବଂ ଅଧିକାରୀଙ୍କ ଦ୍ୱାରା ଚାକିରି ଛାଡ଼ିବା ସେନାର ମନୋବଳ ଉପରେ ସିଧାସଳଖ ପ୍ରଭାବ ପକାଉଛି। ଯେଉଁମାନେ ଚାକିରି ଛାଡି ଯାଉଛନ୍ତି ସେମାନଙ୍କୁ ସାକ୍ଷାତକାରିବା ସଗ ଏକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କହିଛି। ଏହା ମାଧ୍ୟମରେ ଯାବାନ ଏବଂ ଅଧିକାରୀମାନଙ୍କ ଚାକିରି ଛାଡିବାର କାରଣ ଜାଣିବା ସମ୍ଭବ ହେବ। ଏହା ପରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ପାରିବି। ଫଳରେ ଚାକିରି ଛାଡୁଥିବା ଲୋକଙ୍କ ସଂଖ୍ୟା କମିବା ଆରମ୍ଭ ହେବ। ସେଣ୍ଟ୍ରାଲ୍ ପାରାମିଲିଟାରୀ ଫୋର୍ସ ସିଆରପିଏଫ୍, ବିଏସ୍ଏଫ୍, ଆଇଟିବିପି, ଏସ୍ଏସ୍ବି, ସିଆଇଏସ୍ଏଫ୍, ଆସାମ ରାଇଫଲ୍ସ ଏବଂ ନ୍ୟାସନାଲ ସିକ୍ୟୁରିଟି ଗାର୍ଡରେ ସୈନିକ ଏବଂ ଅଧିକାରୀଙ୍କ ଆତ୍ମହତ୍ୟା ମାମଲା ହ୍ରାସ ପାଉନାହିଁ। ଗତ ପାଞ୍ଚ ବର୍ଷ ମଧ୍ୟରେ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସର ୬୫୪ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି।



ଯେଉଁମାନେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ମଧ୍ୟରେ ୨୩୦ ସିଆରପିଏଫ୍, ୧୭୪ ଜଣ ବିଏସ୍ଏଫ୍, ୮୯ ଜଣ ଆଇଟିବିପି, ୬୪ ଜଣ ଏସ୍ଏସ୍ବି, ୫୧ ଜଣ ସିଆଇଏସ୍ଏଫ୍, ୪୩ ଜଣ ଆସାମ ରାଇଫଲ ଏବଂ ୩ ଏନ୍ଏସ୍ଜି କର୍ମଚାରୀ ଅଛନ୍ତି। ଅନ୍ୟପଟେ ସଂସଦୀୟ କମିଟି କହିଛି ଯେ, ଆତ୍ମହତ୍ୟା ମାମଲା ସେନାବଳର କାର୍ଯ୍ୟ ସ୍ଥିତିକୁ ପ୍ରଭାବିତ କରିଥାଏ। ସେବାର ନିୟମରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି। ଯାହାକି ସୈନିକମାନଙ୍କୁ ଉତ୍ସାହିତ କରିବ। ରୋଟେସନ ନୀତି ଅନୁଯାୟୀ ପୋଷ୍ଟିଂ ଦିଆଯିବା ଉଚିତ୍। ଦୀର୍ଘ ସମୟ ପାଇଁ ଗୋଟିଏ ଯାଗାରେ ପୋଷ୍ଟିଂ ଦିଅନ୍ତୁ ନାହିଁ। ସ୍ଥାନାନ୍ତର ନୀତି ଏପରି କରାଯିବା ଉଚିତ ଯେ ଯବାନମାନେ ନିଜ ପସନ୍ଦର ଡ୍ୟୁଟି ସ୍ଥାନ ପାଇବେ। ଯଦି ଏପରି ପଦକ୍ଷେପ ନିଆଯାଏ ତେବେ ଚାକିରି ଛାଡୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ହୋଇପାରେ ବୋଲି ଆକଳନ କରାଯାଇଛି। ୨୦୧୯ ଶେଷରେ ଘୋଷଣା କରାଯାଇଥିଲା ଯେ, ସିଏପିଏଫଫ୍ ଯବାନମାନେ ପ୍ରତିବର୍ଷ ୧୦୦ ଦିନ ଛୁଟି ପାଇବେ। ବର୍ତ୍ତମାନ ଚତୁର୍ଥ ବର୍ଷରେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହି ଯୋଜନାରେ କୁହାଯାଇଥିଲା ଯେ, ଏହା ଲାଗୁ ପରେ କୌଣସି ଯବାନ ତାଙ୍କ ପରିବାର ସହିତ ୧୦୦ ଦିନ ବିତାଇ ପାରିବେ। ୨୦୨୧ ମସିହାରେ, ଆରଟିଆଇ ମାଧ୍ୟମରେ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ କନଫେଡେରେସନ୍ ଅଫ୍ ଏକ୍ସ ପାରାମିଲିଟାରୀ ଫୋର୍ସ ଶହୀଦ କଲ୍ୟାଣ ସଂଘ ଦ୍ୱାରା ପଚରାଯାଇଥିଲା ଯେ, ଗୋଟିଏ ବର୍ଷରେ କେତେଜଣ ଯବାନଙ୍କୁ ୧୦୦ ଦିନ ଛୁଟି ମିଳିଛି। କିଛି ନିୟମ ଦର୍ଶାଇ ଏହି ପ୍ରଶ୍ନରଉତ୍ତର ଦିଆଯାଇନଥିଲା। ଗତ ସଂସଦ ଅଧିବେଶନରେ ଏହି ପ୍ରସଙ୍ଗରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗୃହମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ, ସିଏପିଏଫ୍ କର୍ମଚାରୀମାନେ ପ୍ରତିବର୍ଷ ଅତି କମରେ ୧୦୦ଦିନ ନିଜ ପରିବାର ସହିତ ବିତାଇବା ପାଇଁ ପ୍ରୟାସ ଜାରି ରହିଛି।

## ପାକିସ୍ତାନର ଆର୍ଥିକ ସ୍ଥିତି ଭୟଙ୍କର


**ଇସଲାମାବାଦ :** ପାକିସ୍ତାନର ଆର୍ଥିକ ସ୍ଥିତି ଆହୁରି ଭୟଙ୍କର ହେବାରେ ଲାଗିଛି। ଏଥିରୁ ମୁକ୍ତି ପାଇଁ କରାଚି ବନ୍ଦରକୁ ଭଡାସୁତ୍ରରେ ୟୁଏଇକୁ ଦେବେ ପାକିସ୍ତାନ ସରକାର। ଏଥିରୁ ଯାହା ଅର୍ଥ ମିଳିବ ତାକୁ ଆଇଏମଏଫକୁ ଦେଇ ଋଣ ପରିଶୋଧ କରିବେ ବୋଲି ଜଣାପଡିଛି। ପାକିସ୍ତାନ ଅର୍ଥମନ୍ତ୍ରୀ ଇସାକ ଦାରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୟୁଏଇକୁ ପୋର୍ଟ ହସ୍ତାନ୍ତର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପଟେ ବିଭିନ୍ନ ଦେଶର ରାଷ୍ଟ୍ରଦୁତଙ୍କ ସହ ସାକ୍ଷାତ କରୁଛନ୍ତି ପ୍ରଧାନମନ୍ତ୍ରୀ ସେହେବାଜ ସରିଫ। ଆଇଏମଏଫରୁ ଋଣ ଆଣିବା ନେଇ ଅନ୍ୟ ଦେଶର ସମର୍ଥନ ଲୋଡିଛନ୍ତି। ପୂର୍ବରୁ ଆଇଏମଏଫ ଧାର୍ଯ୍ୟ କରିଥିବା ୬.୫ ବିଲିଅନ ଡଲାରର ଋଣକୁ ପ୍ରଧାନମନ୍ତ୍ରୀ ସେହେବାଜ ସରିଫ ତୁରନ୍ତ ପାଇବା ପାଇଁ ପ୍ରୟାସ କରୁଛନ୍ତି। ପାକିସ୍ତାନର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବାରୁ ଆଇଏମଏଫରୁ ଋଣ ଆଣି ସୁଧାରିବାକୁ ଚେଷ୍ଟା କରୁଛନ୍ତି ପାକିସ୍ତାନ ସରକାର। ଦରବୃଦ୍ଧି ନିୟନ୍ତ୍ରଣ ସହ ଖାଦ୍ୟ ସାମଗ୍ରୀର ଅଭାବକୁ ପୂରଣ କରିବାକୁ ଫୋକସରେ ରଖିଛନ୍ତି ସରକାର।

### ଚିନ୍ତା ବଢ଼ାଇଛି ପିଂକ୍ ହ୍ୱାଟ୍ସଆପ ସ୍କାମ

## ଗୋଟିଏ କ୍ଲିକରେ ଫୋନ୍ ହ୍ୟାକ୍

**ନୂଆଦିଲ୍ଲୀ :** ସାଇବର ଠକଙ୍କ ନୂଆ ଫଣ୍ଡା। ଥରେ ମାତ୍ର ଲିଙ୍କ କ୍ଲିକ କଲେ ଲୁଟେରାଙ୍କ ନିକଟକୁ ଯିବ ଫଟୋ, ଭିଡିଓ ଓ ବ୍ୟାଙ୍କ ଡାଟା। ପିଙ୍କ ହ୍ୱାଟ୍ସଆପ ସ୍କାମ ଏବେ ସାରା ଦେଶ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ଏ ନେଇ ଆଡଭାଇଜରି ଜାରି କରିଛି କ୍ରାଇମବ୍ରାଞ୍ଚ। ଫସିବା ପୂର୍ବରୁ ପିଙ୍କ ହ୍ୱାଟ୍ସଆପକୁ ବେଳହୁଁ ସାବଧାନ। ମୁମ୍ବାଇ ପରେ ଏବେ ଆଡଭାନ୍ସ ଆଡ଼ଭାଇଜରି ଜାରି କରିବ ଓଡିଶା ପୋଲିସ। ଆପଣଙ୍କ ମୋବାଇଲକୁ ଅପଡେଟେଡ଼ ହ୍ୱାଟ୍ସଆପ ଡାଉନଲୋଡ କରିବାକୁ କିଛି ଲିଙ୍କ ଆସୁଛି କି? ଭୁଲରେ ବି ସେହି ଲିଙ୍କରେ କ୍ଲିକ କରନ୍ତୁ ନାହିଁ। କ୍ଲିକ କରିବା ମାତ୍ରେ ହ୍ୟାକର ପଠାଇଥିବା ପିଙ୍କ ହ୍ୱାଟ୍ସଆପ୍ ଅପଲୋଡ଼ ହୋଇଯିବ। ଏହି ଭାଇରସ ସଫ୍ଟୱେର ଜରିଆରେ ଫୋନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗୋପନୀୟ ତଥ୍ୟ ଚୋରି ହେଇଯିବ। ଆପଣଙ୍କ କଣ୍ଟାକ୍ଟରେ ଥିବା ଲୋକଙ୍କୁ ମଧ୍ୟ ସ୍କାନରକୁ ନେଇଯିବ ହ୍ୟାକର। ଏପରିକି ଆପଣଙ୍କ ହ୍ୱାଟ୍ସଆପ୍ ନମ୍ବରରୁ ବିଭିନ୍ନ ଗ୍ରୁପକୁ ଅଶ୍ଳୀଳ ମେସେଜ ପଠାଇବ। ଏଭଳି ସ୍କାମକୁ ନେଇ ମୁମ୍ବାଇ ପୋଲିସ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ପିଙ୍କ ହ୍ୱାଟ୍ସଆପ ହେଉଛି ଅସଲି ହ୍ୱାଟ୍ସଆପର ଅବିକଳ ନକଲ। ଏହାର ରଙ୍ଗ କିନ୍ତୁ ଗୋଲାପୀ। ୨୦୨୧ ମସିହାରେ ଏହି ଭାଇରସ ସମ୍ପର୍କରେ ଜଣାପଡିଥିଲା। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଛି ଓଡିଶା ପୋଲିସ। କାରଣ ଅଧିକାଂଶ ଭିଭିଆଇପି, ରାଜନେତା, କର୍ପୋରେଟ ମୁଖ୍ୟଙ୍କୁ ଟାର୍ଗେଟ କରୁଛନ୍ତି ହ୍ୟାକର। ଯଦି ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ସଫ୍ଟୱେରକୁ ଅନ ଇନଷ୍ଟଲ କରିବା ସହ ସାଇବର ଥାନାରେ ଅଭିଯୋଗ କରିବାକୁ ଅପିଲ କରିଛନ୍ତି ସାଇବର ଥାନା ଅଧିକାରୀ ରଶ୍ମିତା ଜେନା।

## ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅବଧି ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି



**ନୂଆଦିଲ୍ଲୀ :** ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଏପ୍ରିଲ ୧୩, ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ତିନି ମାସ ତଳେ ଟ୍ରିବ୍ୟୁନାଲଙ୍କ ଅବଧିକୁ କେନ୍ଦ୍ର ସରକାର ଏପ୍ରିଲ ୧୩, ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କେନ୍ଦ୍ର ଜଳଶକ୍ତି, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରାଳୟ ପକ୍ଷରୁ ଏ ସମ୍ପର୍କରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କୁହାଯାଇଛି, ଟ୍ରିବ୍ୟୁନାଲଙ୍କ ଦ୍ୱାରା ଡିସେମ୍ବର ୧୪, ୨୦୧୯ରେ ପ୍ରଥମ ଶୁଣାଣି ହୋଇଥିଲା ବୋଲି ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏଥି ସହିତ କରୋନା ମହାମାରୀ କାରଣରୁ ମାର୍ଚ୍ଚ ୨୦୨୦ ରୁ ଜୁନ ୨୦୨୧ ଅବଧିକୁ ଅଣକାର୍ଯ୍ୟକ୍ଷମ ସମୟ ବୋଲି ମଧ୍ୟ ବିଚାର କରିବାକୁ ଟ୍ରିବ୍ୟୁନାଲ ଅନୁରୋଧ କରିଥିଲେ। ଯଦିଓ ୨୦୧୮ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା, କେନ୍ଦ୍ର ସରକାର ବିଭିନ୍ନ ଦିଗକୁ ବିଚାର କରି ଟ୍ରିବ୍ୟୁନାଲଙ୍କ ଉଭୟ ଅନୁରୋଧକୁ ଗ୍ରହଣ କରିଥିବା ବିଜ୍ଞପ୍ତିରେ କୁହାଯାଇଛି।

# ‘ବିବାହ ପରେ ଶାରୀରିକ ସମ୍ପର୍କ ନ ରଖିବା ନିଷ୍ଠୁରତା’


**ବେଙ୍ଗାଲୁରୁ :** ହିନ୍ଦୁ ବିବାହ ଆଇନ୍ ଅନୁସାରେ ବିବାହ ପରେ ଶାରୀରିକ ସମ୍ପର୍କ ରଖିବାକୁ ଅରାଜି ହେବା ଅପରାଧ। ତେଣୁ ଏହି ମାମଲାରେ କ୍ରିମିନାଲ କେସ୍ ରୁଜୁ ହୋଇ ପାରିବନି ବୋଲି କର୍ଣ୍ଣାଟକ ହାଇକୋର୍ଟ ରାୟ ଦେଇଛନ୍ତି। ସ୍ୱାମୀ ଶାରୀରିକ ସମ୍ପର୍କ ରଖିବାକୁ ମନା କରିବାରୁ ଜଣେ ମହିଳା ଅପରାଧିକ ମାମଲା ରୁଜୁ କରିଥିଲେ। ତେବେ ମହିଳାଙ୍କ ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍ ନାଗାପ୍ରସନ୍ନା କହିଛନ୍ତି, ବ୍ୟକ୍ତିଜଣକ ଏକ ନିର୍ଦ୍ଦିଷ୍ଟ ଧର୍ମ ପାଳନ କରୁଥିବାବେଳେ ତାଙ୍କ ଅନୁଯାୟୀ, ବିବାହ ହେଉଛି ଆତ୍ମା ସହ ଆତ୍ମାର ମିଳନ। ଏଥିପାଇଁ ଶାରୀରିକ ସମ୍ପର୍କର ଆବଶ୍ୟକତା ନାହିଁ। ଏପରି ମତ ରଖିଥିବା ଜଣେ ବ୍ୟକ୍ତିଙ୍କ ପତ୍ନୀ ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରିକି ନିଜ ସ୍ୱାମୀଙ୍କ ସମେତ ଶାଶୂ, ଶ୍ୱଶୁରଙ୍କ ନାଁରେ ୨୦୨୦ ମସିହାରେ କ୍ରିମିନାଲ କେସ୍ ରୁଜୁ କରିଛନ୍ତି। ହେଲେ ପତ୍ନୀଙ୍କ ଅଭିଯୋଗକୁ ବିରୋଧ କରି ତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ବିବାହ ପରେ ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କ ନ ରଖିବା ନିଶ୍ଚିତ ରୂପେ



ନିଷ୍ଠୁରତା। ହିନ୍ଦୁ ବିବାହ ଆଇନର ସେକ୍ସନ-୧୨ (ଏ) ଅନୁଯାୟୀ, ଏହା ନିଷ୍ଠୁରତା ବୋଲି ବିବେଚିତ ହେବ। ଏହି ଦମ୍ପତି ୨୦୧୯ ମସିହା ଡିସେମ୍ବର ୧୮ ତାରିଖରେ ବିବାହ କରିଥିଲେ। ପରେ ମହିଳାଜଣକ ୨୦୨୦ ମସିହା ଫେବୃୟାରୀ ୫ ତାରିଖରେ ଯୌତୁକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଏତେ ସବୁ ପରେ ବି ସେମାନଙ୍କ ବିବାହ ତିଷ୍ଠି ପାରି ନ ଥିଲା। ଗତବର୍ଷ ନଭେମ୍ବର ୧୬ ତାରିଖରେ ଏହି ବିବାହରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଅନ୍ୟପକ୍ଷରେ ମହିଳାଜଣକ ନିଜ ସ୍ୱାମୀ ଓ ଶାଶୁ, ଶ୍ୱଶୁରଙ୍କ ନାଁରେ ଅପରାଧିକ ମାମଲା ରୁଜୁ କରିବାକୁ ଅପିଲ୍ କରିଥିଲେ। ହେଲେ କର୍ଣ୍ଣାଟକ ହାଇକୋର୍ଟ ଏହି ମାମଲାରେ କ୍ରିମିନାଲ କେସ୍ ରୁଜୁ କରିବାକୁ ମନା କରି ଦେଇଛନ୍ତି। ଏହା ଆଇନ୍ର ଅବମାନନା ବୋଲି ସେ କହିଛନ୍ତି।

## ଟିକା ନେବା ପରେ ବଢ଼ୁଛି ହୃଦ୍‌ଘାତ ମୃତ୍ୟୁ ?

**ନୂଆଦିଲ୍ଲୀ :** କରୋନା ଟିକା ନେବା ପରେ ଦେଶରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିଛି। ଭାଇରସରୁ ରକ୍ଷା ପାଇଁ ଲୋକେ ନେଇଥିବା ଟିକା ସାଜିଲା କି ମୃତ୍ୟୁର କାରଣ? ଏହାର କାରଣ ଖୋଜୁଛି ଆଇସିଏମଆର। ସାରା ଦେଶରେ ଏଭଳି ଅଭିଯୋଗ ପରେ ଏକ ଷ୍ଟଡ଼ି କରୁଛି ଆଇସିଏମଆର। ଯାହାର ରିପୋର୍ଟ ଆସନ୍ତା ଜୁଲାଇରେ ପ୍ରକାଶ ପାଇବ। ଏହି ଷ୍ଟଡ଼ିରେ ଯୁବଗୋଷ୍ଠୀ ନେଉଥିବା ଟିକା ଏବଂ ହୃଦଘାତ ମଧ୍ୟରେ ହେଉଥିବା କ୍ରିୟା ଓ ପ୍ରତିକ୍ରିୟାକୁ ବୁଝିବା ପାଇଁ ଚେଷ୍ଟା କରୁଛି ଆଇସିଏମଆର। ବିଶେଷ କରି ତିନୋଟି କ୍ଷେତ୍ର ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ପ୍ରଥମଟି ହେଲା ଟିକାକରଣ ପରେ ଲୋକଙ୍କ ମୃତ୍ୟୁ ପ୍ରାକୃତିକ ଢଙ୍ଗରେ ହୋଇଛି କି। ଦ୍ୱିତୀୟରେ କୋଭିଡ ଟିକା ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ କି। ମୃତ୍ୟୁ ହୋଇଥିବା ଲୋକ



କୋଭିଡ ଆକ୍ରାନ୍ତ ହୋଇ ଗମ୍ଭୀର ସ୍ଥିତିରେ ଥିଲା କି। ଏଭଳି ତିନୋଟି ପ୍ରଶ୍ନର ଏବେ ଉତ୍ତର ଖୋଜୁଛି ଆଇସିଏମଆର। ଏଭଳି ଗବେଷଣା ପାଇଁ ୪୦ଟି ହସ୍ପିଟାଲର କ୍ଲିନିକାଲ ରେଜିଷ୍ଟ୍ରେସନର ସାମ୍ପଲ ସଂଗ୍ରହ କରାଯାଇଛି। ରୋଗୀଙ୍କ ଡାଟା ଏମ୍ସରୁ ମଧ୍ୟ ନିଆଯାଇଛି। ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟ ମଧ୍ୟ କରୋନା ଟିକା ନେବା ପରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିଛି ବୋଲି ସ୍ୱିକାର କରିଥିଲେ। ଏନେଇ ହେଉଥିବା ଗବେଷଣାର ଫଳାଫଳ ଆସନ୍ତା ଜୁଲାଇରେ ସାର୍ବଜନୀନ କରାଯିବ।

### ଜିଇ ଏରୋସ୍ପେଶ-ହାଲ୍ ମଧ୍ୟରେ ଐତିହାସିକ ଚୁକ୍ତି

## ଭାରତରେ ଉତ୍ପାଦନ ହେବ ଯୁଦ୍ଧ ବିମାନ ଇଞ୍ଜିନ

**ୱାଶିଂଟନ :** ଜିଇ ଏରୋସ୍ପେଶ ଗୁରୁବାର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚଏଲ) ସହ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ (ଏଲସିଏ)-ଏମକେ-୨ ର ଜେଟ ଇଞ୍ଜିନର ମିଳିତ ଉତ୍ପାଦନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିକୁ ଐତିହାସିକ ବୋଲି କୁହାଯାଉଛି। ଚୁକ୍ତି ଅନୁଯାୟୀ ଭାରତରେ ତିଆରି ହେବ ଲଢୁଆ ବିମାନର ଇଞ୍ଜିନ। ତେବେ ଏହି ଚୁକ୍ତିର ଘୋଷଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ ଏବଂ ପ୍ରଥମ ମହିଳା ଜିଲ ବାଇଡେନଙ୍କ ନିମନ୍ତ୍ରଣ କ୍ରମେ ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଜିର ଚୁକ୍ତି ସମ୍ପର୍କରେ ସୂଚନା ଦେଇ ଆମେରିକୀୟ କମ୍ପାନୀ ନିଜ ବୟାନରେ କହିଛି,



ଏହି ଚୁକ୍ତିରେ ଜିଇ ଏରୋସ୍ପେଶର ଏଫ୍ ୪୧୪ ଇଞ୍ଜିନର ଭାରତରେ ମିଳିତ ଉତ୍ପାଦନର ସମ୍ଭାବନା ସାମିଲ ରହିଛି। କମ୍ପାନୀ ହାଲ ସହ ଚୁକ୍ତି ଜ୍ଞାନକୁ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛି। ଜିଇ ଏରୋସ୍ପେଶର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ତଥା ଜିଇର ଅଧ୍ୟକ୍ଷ ଏଚ ଲରେନ୍ସ କଲ୍ପ ଜୁନିୟର କହିଛନ୍ତି, ଏହି ଐତିହାସିକ ଚୁକ୍ତି ଭାରତ ଏବଂ ହାଲ ସହ ଆମର ଦୀର୍ଘକାଳୀନ ସମ୍ପର୍କ କାରଣରୁ ସମ୍ଭବ ହୋଇପାରିଛି। ପ୍ରକାଶଥାଉକି, ଭାରତରେ ଜିଇ ଏରୋସ୍ପେଶ ଇଞ୍ଜିନ, ଆଭିୟୋନିକ୍ସ, ସେବା, ଇଞ୍ଜିନିୟରିଂ, ବିନିର୍ମାଣ ଏବଂ ସ୍ଥାନୀୟ ସୋର୍ସିଂରେ ସଂଲଗ୍ନତା ସହ ୪୦ରୁ ଅଧିକ ବର୍ଷ ହେବ କାମ କରିଆସୁଛି। ଏହା ବ୍ୟତୀତ ୧୯୮୬ରୁ ସେ ଭାରତର ଏଲସିଏ ପ୍ରୋଜେକ୍ଟ ଉପରେ ଏରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଏବଂ ହାଲ ସହ ମଧ୍ୟ କାମ କରୁଛି। ଜିଇ ଏବଂ ହାଲ ମଧ୍ୟରେ ହୋଇଥିବା ଏହି ଡିଲ୍ ଭାରତୀୟ ଏୟାରଫୋର୍ସର ହାଲୁକା ଯୁଦ୍ଧ ବିମାନ ବନାଇବାର ପ୍ରୋଗ୍ରାମ ଏମକେ୨ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ସମୟରେ ଭାରତ ଏବଂ ଆମେରିକୀୟ କମ୍ପାନୀ ମଧ୍ୟରେ ଅନେକ ଚୁକ୍ତି ହେବ।

### ସଡ଼କ ଓ ପରିବହନ ବିଭାଗର ନିଷ୍ପତ୍ତି

# ଏଣିକି ଟ୍ରକରେ ଏସି ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ଆସିଛି ଖୁସି ଖବର। କେନ୍ଦ୍ର ସଡକ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ଯିଏକି ତାଙ୍କ କାର୍ଯ୍ୟ ପାଇଁ ଭିନ୍ନ ପରିଚୟ ପାଇଥାନ୍ତି, ସେ ମଙ୍ଗଳବାର ଏକ ନୂତନ ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁସାରେ କେନ୍ଦ୍ର ପରିବହନ ମନ୍ତ୍ରାଳୟ ପକ୍ଷରୁ ୨୦୨୫ରୁ ସମସ୍ତ ଟ୍ରକରେ ଏସି ଲଗାଇବା ପାଇଁ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ କହିଛନ୍ତି ସେ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଟ୍ରକ୍ କ୍ୟାବିନରେ ଏସି କମ୍ପାର୍ଟମେଣ୍ଟ ଆଣିବାକୁ ଚାହୁଁଛନ୍ତି। ଯାହାକୁ ନେଇ ଆଜି ବଡ଼ ନିଷ୍ପତ୍ତି ନିଆଯାଇଛି। ୨୦୨୫ରୁ ସମସ୍ତ ଟ୍ରକରେ କ୍ରୁ ସଦସ୍ୟଙ୍କ ପାଇଁ ଏସି କମ୍ପାର୍ଟମେଣ୍ଟ ରହିବା ଆବଶ୍ୟକ। ଯାହା ବାଧ୍ୟତାମୂଳକ କରାଯାଇଛି। ଗଡକରୀ କହିଛନ୍ତି ଯେ ଟ୍ରକର ମୂଲ୍ୟ ବୃଦ୍ଧି ନେଇ ଲୋକମାନେ ଲଗାତାର ଅଭିଯୋଗ କରୁଛନ୍ତି। ଏହା ସତ୍ତ୍ୱେ ଟ୍ରକର କ୍ୟାବିନରେ ଏସିର ସୁବିଧା ଯୋଗାଇ ଦିଆଯାଉ ନାହିଁ। କିନ୍ତୁ ଆଜି, ଗଡକରୀ ଟ୍ରକରେ ଏସି ଲଗାଇବାକୁ ନେଇ ସଡକ ଓ ପରିବହନ ବିଭାଗର ଫାଇଲରେ ଦସ୍ତଖତ



କରିଥିବା କଥା କହିଛନ୍ତି। ଯେଉଁ ଫାଇଲରେ ଟ୍ରକ୍ ଡ୍ରାଇଭର କ୍ୟାବିନରେ ଏସି ବାଧ୍ୟତାମୂଳକ କରିବାର ନିଷ୍ପତ୍ତି ନିଆଯିବାର ଦସ୍ତାବିଜ ରହିଛି। ଗଡକରୀ ଆହୁରି କହିଛନ୍ତି ଆମକୁ ମନେ ରଖିବାକୁ ହେବ ଯେ ଟ୍ରକ୍ ଚଳାଉଥିବା ଲୋକଙ୍କୁ ଭଲ ସୁବିଧା ଦିଆଯିବା ଉଚିତ୍। ଟ୍ରକ୍ ଚାଳକ ପ୍ରତିଦିନ ୧୨ଘଣ୍ଟାରୁ ଅଧିକ ସମୟ ଡ୍ରାଇଭିଂ ସିଟରେ ବିତାଇଥାନ୍ତି। ଖରା ହେଉଛି କି ବର୍ଷା। ଟ୍ରକ୍ ଚାଳକଙ୍କ ଅଧିକାଂଶ ସମୟ ଟ୍ରକରେ ହିଁ ବିତିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ପରିବହନ ମନ୍ତ୍ରୀ ଆସନ୍ତା ୨୦୨୫ରୁ ସବୁ ଟ୍ରକ୍ କ୍ୟାବିନରେ ଏସି ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଖରାରୁ ଟ୍ରକ୍ ଚାଳକଙ୍କୁ ଆଶ୍ୱସ୍ତି ମିଳିବ ଏବଂ ଦୁର୍ଘଟଣା ବି କମିବ ବୋଲି ଗଡକରୀ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ ଜାତୀୟ ରାଜପଥରେ ରାସ୍ତା କଡ଼ରେ ୫୭୦ ପଥପାର୍ଶ୍ୱ ସୁବିଧା କେନ୍ଦ୍ର କରାଯାଉଛି। ଏଥିମଧ୍ୟରୁ୧୭୦ଟି ଟେଣ୍ଡର ଦାଖଲ କରାଯାଇଛି ଏବଂ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ସେ କହିଛନ୍ତି ଯେ ରାଜପଥର ପ୍ରତି ୫୦ କିଲୋମିଟରରେ ଏକ ପଥପାର୍ଶ୍ୱ ସୁବିଧା କେନ୍ଦ୍ର କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଯାହା ଦ୍ୱାରା ଗାଡି ଚାଳକ କିଛି ସମୟ ବିଶ୍ରାମ ନେବା ସହ ନିଜ ନିତ୍ୟକର୍ମ କରିପାରିବ।

### ହୀରାକୁଦ ଜଳଭଣ୍ଡାରରେ ପ୍ରତିଷ୍ଠା ହେବ ଭାସମାନ ସୌର ପାୱାର ପ୍ଲାଣ୍ଟ

# ମିଳିବ ୬୫୦୦ ମେଗାୱାଟ୍ ବିଜୁଳି



**ଭୁବନେଶ୍ୱର :** ହୀରାକୁଦ ଜଳଭଣ୍ଡାରରେ ୬୫୦୦ ମେଗାୱାଟର ଏକ ଫ୍ଲୋଟିଂ ସୋଲାର ପିଭି ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛି ଏସିଏମଇ କ୍ଲିନ ଏନର୍ଜି ପ୍ରା.ଲି. କମ୍ପାନୀ। ଏନେଇ କମ୍ପାନୀ ପପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ଯଦି ପ୍ରଚେଷ୍ଟା ବାସ୍ତବ ରୂପ ନିଏ, ତାହେଲେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ହେବ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ଏସିଏମ୍ଇ ପକ୍ଷରୁ ଗତ ୧ ତାରିଖରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଥିଲା। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ ହୀରାକୁଦରେ ଉପରୋକ୍ତ କ୍ଷମତା ସମ୍ପନ୍ନ ଫ୍ଲୋଟିଂ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ସେମାନେ ଆଗ୍ରହୀ ଅଛନ୍ତି। ଏନେଇ ମଧ୍ୟ ବିଭାଗୀୟ ପ୍ରମୁଖ ସଚିବଙ୍କ ସହ ଗତ ମେ ମାସ ୨୬ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତଏବ ପ୍ରାଥମିକ ପଦକ୍ଷେପ ଭାବେ କମ୍ପାନୀ ପକ୍ଷରୁ ପ୍ରାଥମିକ ଆକଳନ ତଥା ଫିଜିବିଲିଟି ରିପୋର୍ଟ୍ ପ୍ରଦାନ ପାଇଁ ଏଞ୍ଜେନ ଗ୍ଲୋବାଲ ସଲ୍ୟୁସନ ପ୍ରା.ଲି ନାମକ ଏକ କମ୍ପାନୀକୁ ନିଯୁକ୍ତ କରାଯାଇଥିବା ବେଳେ ହୀରାକୁଦରେ ସେମାନେ କ୍ଷେତ୍ରସ୍ତରୀୟ ଆକଳନ କରିବାକୁ ଏସିଏମଇ ବିଭାଗୀୟ ପ୍ରମୁଖ ସଚିବଙ୍କ ଅନୁମତି ଲୋଡ଼ିଥିଲା। ଏହି କ୍ଷେତ୍ରସ୍ତରୀୟ ଆକଳନ ପାଇଁ ୪ରୁ ୬ ସପ୍ତାହ ସମୟ ଲାଗିବାକୁ ଥିବାବେଳେ ଏଥିପାଇଁ ଅପର ମହାନଦୀ ବେସିନ୍ ମ୍ୟାନେଜର, ସମ୍ବଲପୁର ଡିଏଫ୍ଓ, ମତ୍ସ୍ୟ ବିଭାଗ, ପର୍ଯ୍ୟଟନ ବିଭାଗ, କୃଷି ବିଭାଗ, ଓଏଚପିସି ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କ ନିକଟରୁ ମଧ୍ୟ ଆବଶ୍ୟକୀୟ ସହାୟତା ଲୋଡ଼ିଥିଲା ଏସଇଏମଇ। ଏଇଇଏମଇର ଉପରୋକ୍ତ ଅନୁରୋଧ ପରେ ଗତ ୬ ତାରିଖରେ ଶିଳ୍ପ ବିଭାଗ ପକ୍ଷରୁ ଏସଇଏମଇକୁ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଶିଳ୍ପ ବିଭାଗ ଅନୁରୋଧ କରିଥିଲା। ଏହାପରେ ରାଜ୍ୟ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଏସଇଏମଇର ଉପରୋକ୍ତ ପ୍ରସ୍ତାବକୁ ଅନୁଧ୍ୟାନ କରି ଏ ସଂକ୍ରାନ୍ତୀୟ ନିଜର ମତାମତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏସଇମେଇର ପ୍ରସ୍ତାବ ବାସ୍ତବ ରୂପ ନିଏ, ତାହେଲେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହା ନିଶ୍ଚିତ ଏକ ବଡ଼ ଯୋଗଦାନ ରଖିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଅକ୍ଷୟ ଶକ୍ତି ବର୍ତ୍ତମାନ ବିଶ୍ୱର ପ୍ରମୁଖ ଆହ୍ୱାନ ପାଲଟିଥିବା ବେଳେ ଏ କ୍ଷେତ୍ରରେ ରାଜ୍ୟକୁ ସ୍ୱୟଂସମ୍ପୂର୍ଣ୍ଣ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ନିଜର କ୍ରମାଗତ ଉଦ୍ୟମ ଜାରି ରଖିଛନ୍ତି। ବିଶେଷକରି ଆଗାମୀ ୨୦୩୦ ସୁଦ୍ଧା ରାଜ୍ୟରେ ବିଭିନ୍ନ ଉତ୍ସରୁ ପ୍ରାୟ ୧୦ ହଜାର ମେଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ଏଥିପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ମଧ୍ୟ ଆଣିଛନ୍ତି। ଯାହା ଏ କ୍ଷେତ୍ର ପାଇଁ ବେଶ୍ ସହାୟକ ହେବ ବୋଲି କୁହାଯାଉଛି।

# ଖାଦ୍ୟ ମୂଲ୍ୟରେ ୧୫% ବୃଦ୍ଧି

### ଚାଉଳ, ଡାଲି, ଅଟା ଦରରେ ହାତ ମାରିହେଉନି

**ଭୁବନେଶ୍ୱର :** ଏଲ୍-ନିନୋ କାରଣରୁ ଦେଶରେ ମୌସୁମୀ ପ୍ରବାହ ବିଳମ୍ବିତ ହୋଇଛି। ଏଥିଯୋଗୁ କିଛି ଦିନ ହେବ କମିଯାଇଥିବା ମୁଦ୍ରାସ୍ଫୀତି ପୁଣି ଉପରମୁହାଁ ହୋଇଛି। ଏହି ବିଳମ୍ବିତ ମୌସୁମୀ ପ୍ରବାହ ଯୋଗୁ ଖାଉଟି ବଜାର ମହଙ୍ଗା ହୋଇଛି। ଏପରିକି ମାତ୍ର ଦୁଇ ସପ୍ତାହ ମଧ୍ୟରେ ଦେଶରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ୧୫% ବୃଦ୍ଧି ଦେଖିବାକୁ ମିଳିଛି। ଚାଉଳ, ଡାଲି , ଅଟା ଏବଂ ଚୁଡା ମୂଲ୍ୟରେ ହଠାତ୍ ବୃଦ୍ଧି ଘଟିଛି। ବିଶେଷ କରି ଚାଉଳରୁ ଜାତ ଖାଦ୍ୟ ସାମଗ୍ରୀ ଯେପରିକି ଚୁଡା, ମୁଢ଼ି ଦର ବଢ଼ିଯାଇଛି। ଏପରିକି ୧୫ ଦିନ ମଧ୍ୟରେ ଚିକେନ୍ କିଲୋ ପିଛା ୨୦ ଟଙ୍କା ବଢ଼ିଛି। ତେବେ ମାତ୍ର ୧୫ ଦିନରେ ଡାଲି କିଲୋ ପିଛା ୪୫ ଟଙ୍କା ମହଙ୍ଗା ହୋଇ ସବୁ ରେକର୍ଡ ଟପିଯାଇଛି। ଚଳିତ ବର୍ଷ ମୌସୁମୀର ଧିରେ ଅଗ୍ରଗତି ଖରିଫ ଫସଲ ବୁଣାବୁଣି କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଛି। ମୌସୁମୀ ଋତୁର ପ୍ରମୁଖ ଫସଲ ଧାନ ଚାଷ ଏଥିଯୋଗୁ ବେଶ ପ୍ରଭାବିତ ହୋଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ଚାଉଳ କିଲୋ ପିଛା ୩-୪ ଟଙ୍କା ବୃଦ୍ଧି ଘଟିଛି। ପୂର୍ବରୁ ୩୫ ଟଙ୍କା କିଲୋ ପିଛା ବିକ୍ରି ହେଉଥିବା ଉଷୁନା ଚାଉଳ ଏବେ କିଲୋ ପିଛା ୩୮ ଟଙ୍କାରେ ବିକ୍ରି ହେଉଛି। ସେହିପରି ଦୁଇ ସପ୍ତାହ ତଳେ ୩୬ ଟଙ୍କା ବିକ୍ରି ହେଉଥିବା ଅରୁଆ ଚାଉଳ କିଲୋ ପିଛା ୪୦ ଟଙ୍କା ଛୁଇଁଛି। ଏହି ସମୟରେ ଡାଲି ଦର ସବୁ ରେକର୍ଡ ଟପିଯାଇଛି। ୧୫ ଦିନ ତଳେ ଡାଲି କିଲୋ ପିଛା ୧୧୫ ଟଙ୍କା ରହିଥିବାବେଳେ ଏବେ ଏଥିରେ ୪୫ ଟଙ୍କା ବୃଦ୍ଧି ଘଟି ୧୬୦ ଟଙ୍କାରେ ପହଞ୍ଚିଛି। ମୌସୁମୀ ପ୍ରବାହରେ ବିଳମ୍ବ ବିଶେଷ କରି ଡାଲି ଫସଲକୁ ଅଧିକ କ୍ଷତି ପହଞ୍ଚାଇଛି। ଏଲ୍-ନିନୋ କାରଣରୁ ଅଧିକ ଗରମ ବାୟୁ ପ୍ରବାହ ଯୋଗୁ ଡାଲି ଫସଲ ଅମଳ ପ୍ରଭାବିତ। ସାଧାରଣତଃ ଯଦି ମୌସୁମୀ ପ୍ରବାହ ୭-୧୦ ଦିନ ବିଳମ୍ବ ହୁଏ, ତେବେ ଡାଲି ମୂଲ୍ୟ ଅଧିକ ବଢ଼ିପାରେ। ଆହୁରିମଧ୍ୟ ଅଧିକ ତାତିରେ ପ୍ରଥମରୁ ଗହମ ଚାଷ ପ୍ରଭାବିତ ହୋଇଥିବା ବେଳେ ବଜାରରେ ଏବେ ଅଟା ମହଙ୍ଗା ହୋଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ଖୁଚୁରା ବଜାରରେ ଅଟା ୫ କିଲୋ ପିଛା ୨୦ ଟଙ୍କା ବୃଦ୍ଧି ଘଟିଛି। ଏଭଳି ପରିସ୍ଥିତିରେ ଖାଉଟିଙ୍କ ଉପରେ ଏକ ବଡ଼ ଧରଣର ମହଙ୍ଗା ମାଡ଼ ହୋଇଛି। ଅପରପକ୍ଷେ ଯେ ଖୋଲା ବଜାର ବିକ୍ରୟ ଯୋଜନା (ଓଏମ୍ଏସ୍ଏସ୍) ଅଧୀନରେ ଏବେ ଚାଉଳ ଏବଂ ଗହମ ବିକ୍ରି ବନ୍ଦ କରିଦିଆଯାଇଛି। ଏହା ବର୍ତ୍ତମାନ ଖାଉଟିଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ମୂଲ୍ୟ ନିୟନ୍ତ୍ରଣ କ୍ଷେତ୍ରରେ ସରକାରଙ୍କ ଉଦ୍ୟମ ମଧ୍ୟ କୌଣସି ପ୍ରଭାବ ଦେଖାଉନାହିଁ, ଯେଉଁଥିପାଇଁ ଗହମ ଏବଂ ଡାଲିର ମୂଲ୍ୟ ଏବେ ଉଚ୍ଚ ସ୍ତରରେ ପହଞ୍ଚିଛି। ବଜାର ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ବର୍ଷା ବୁଣିବା କାମ ପାଇଁ ଅନୁକୂଳ ନ ହେବା ପର୍ଯ୍ୟନ୍ତ ଖାଦ୍ୟ ସମାଗ୍ରୀ ମୂଲ୍ୟରେ ବୃଦ୍ଧି ଘଟିବ। ଯାହା ଅନୁମାନ କରାଯାଉଛି ଯେ ଆଗାମୀ ଦିନରେ ଦେଶରେ ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ପହଞ୍ଚିପାରେ।

### ୫-ଟି' ଉପକ୍ରମରେ ପୁନଃନିର୍ମାଣ ହେବ

# ବାହାନଗା ହାଇସ୍କୁଲ

**ଭୁବନେଶ୍ୱର :** ବାଲେଶ୍ୱର ଜିଲାର ବାହାନଗା ହାଇସ୍କୁଲର ୫ଟି ଉପକ୍ରମରେ ପୁନଃନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ କୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୨ ତାରିଖରେ ବାହାନଗା ରେଳଷ୍ଟେସନଠାରେ ସଂଗଠିତ ଭୟାବହ ରେଳ ଦୁର୍ଘଟଣା ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବାହାନଗା ହାଇସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀମାନେ ଉଦ୍ଧାର ଓ ସେବା କାର୍ଯ୍ୟରେ ସ୍ୱତସ୍ଫୁର୍ତ୍ତ ଭାବରେ ଯୋଗ ଦେଇଥିଲେ। ସେମାନଙ୍କ ମହତ୍ ଯୋଗଦାନକୁ ଉତ୍ସାହିତ କରିବା ପାଇଁ ବାହାନଗା ହାଇସ୍କୁଲକୁ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫ଟି ସଚିବ ଭି.କେ.ପାଣ୍ଡିଆନ ମଧ୍ୟ ବାହାନଗା ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଲୋକପ୍ରତିନିଧି, ସ୍କୁଲ ପରିଚାଳନା କମିଟି ତଥା ଜିଲାପାଳଙ୍କ ସହିତ ବିସ୍ତୃତ ଆଲୋଚନା କରି ମତାମତ ନେଇଥିଲେ।

# ସବୁ ଚାଷୀଙ୍କୁ ମିଳିବ ସମବାୟ ବ୍ୟାଙ୍କ ଡେବିଟ୍ କାର୍ଡ




**ଭୁବନେଶ୍ୱର :** ସମବାୟ ବ୍ୟାଙ୍କଗୁଡ଼ିକରେ ଏଟିଏମ୍ ବ୍ୟବସ୍ଥାର ପୁନରୁଦ୍ଧାର ନିମନ୍ତେ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରତି ସମବାୟ ସମିତିରେ ଗୋଟିଏ ଲେଖାଏଁ ମାଇକ୍ରୋ ଏଟିଏମ୍ ବ୍ୟବସ୍ଥା କରିବାକୁ ଯୋଜନା ହୋଇଛି। ଏଟିଏମ୍ ବ୍ୟବସ୍ଥାର ପୁନରୁଦ୍ଧାର ନିମନ୍ତେ ହେଉଥିବା ଦୀର୍ଘ ଦିନର ଦାବି ଉପରେ ବିଭାଗ ଏଭଳି ପଦକ୍ଷେପ ନେଇଛି। ତେବେ ମାଇକ୍ରୋ ଏଟିଏମ୍ରୁ ଚାଷୀମାନେ ସର୍ବାଧିକ ୫ ହଜାର ଟଙ୍କାର ନଗଦ ରାଶି ଉଠାଇ ପାରିବେ। ଏହାଠାରୁ ଅଧିକ ଟଙ୍କା ଉଠାଇବାକୁ ହେଲେ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏଟିଏମ୍ର ସୁବିଧା ନେଇପାରିବେ। ସମବାୟ ବିଭାଗ ପକ୍ଷରୁ ମିଳିଥିବା ଡେବିଟ୍ କାର୍ଡକୁ ଅନ୍ୟ ବ୍ୟାଙ୍କର ଏଟିଏମ୍ କିଓସ୍କୋରେ ବ୍ୟବହାର କରାଯାଇପାରିବ। ଏନେଇ ସମବାୟ ବ୍ୟାଙ୍କଗୁଡ଼ିକ ଅନ୍ୟ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ଅନୁବନ୍ଧିତ ହେବ। ଘରୋଇ ବ୍ୟାଙ୍କଗୁଡ଼ିକର ଏଟିଏମ୍ରୁ ଟଙ୍କା ଉଠାଇବା ନେଇ ବ୍ୟବସ୍ଥା ହେବ ନା ନାହିଁ ତାହା ସମ୍ପ୍ରତି ଜଣାପଡ଼ିନାହିଁ ବୋଲି ସମବାୟ ବିଭାଗର ଜନୈକ ଅଧିକାରୀ କହିଛନ୍ତି। ସେହିଭଳି ଏଟିଏମ୍ ସୁବିଧା ପାଇଁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ସମବାୟ ବ୍ୟାଙ୍କଗୁଡ଼ିକରେ ଚାଷୀମାନେ ଆକାଉଣ୍ଟ ଖୋଲୁଥିଲେ ମଧ୍ୟ ବଡ଼ ପରିମାଣର ଟଙ୍କା ଜମା କରୁନାହାଁନ୍ତି। ଏହା ପଛର ଏକ ବଡ଼ କାରଣ ହେଉଛି – ଏଟିଏମ୍ ସୁବିଧା ନମିଳିବା। ଏଟିଏମ୍ ସୁବିଧା ନମିଳିବା ହେତୁ ଚାଷୀମାନଙ୍କୁ ଟଙ୍କା ଉଠାଇବାକୁ ପଡ଼ିଲେ ସେମାନେ ବାଧ୍ୟ ହୋଇ ଶାଖା ବ୍ୟାଙ୍କକୁ ଯାଉଛନ୍ତି। ଯାହା ଫଳରେ ଚାଷୀମାନେ ବାରମ୍ବାର ମାନୁଆଲ ପଦ୍ଧତିରେ ନଗଦ ରାଶି ଉଠାଇବାକୁ ଆଗ୍ରହ ଦେଖାଉନାହାଁନ୍ତି। ସେହିଭଳି ବ୍ୟାଙ୍କଗୁଡ଼ିକର ଆର୍ଥିକ କାରବାର ନ ବଢ଼ିଲେ ବ୍ୟାଙ୍କଗୁଡ଼ିକର ବିତ୍ତୀୟ ସ୍ଥିତିରେ ଉନ୍ନତି ଆସିବ ନାହିଁ ବିଭାଗ ଅନୁଭବ କରିଛି। ଏଣୁ ଚାଷୀମାନେ କିଭଳି ଏଟିଏମ୍ ଯୋଗେ ସମବାୟ ବ୍ୟାଙ୍କରୁ ଟଙ୍କା ଉଠାଇବେ ଓ ସମବାୟ ବ୍ୟାଙ୍କ ଖାତାକୁ ଅର୍ଥ ସଞ୍ଚୟ ଓ ଆର୍ଥିକ କାରବାରର ପ୍ରମୁଖ ମାଧ୍ୟମ ଭାବେ ଗ୍ରହଣ କରିବେ ସେନେଇ ବିଭାଗ ଧ୍ୟାନ କେନ୍ଦ୍ରୀଭୂତ କରିଛି। ସେହିଭଳି ପୁରୀ-ନିମାପଡ଼ା କୋଅପରେଟିଭ୍ ବ୍ୟାଙ୍କର ଜନୈକ ଅଧିକାରୀ କହିଛନ୍ତି ଯେ ଚାଷୀଙ୍କୁ ପୂର୍ବରୁ କିଛି ଡେବିଟ୍ କାର୍ଡ ମିଳିଥିଲା। ସେଗୁଡ଼ିକୁ ସମ୍ପ୍ରତି ଅକାମୀ କରିଦିଆଯାଇଛି। ଏଟିଏମ୍ ବ୍ୟବସ୍ଥା ଲାଗୁ ହେଲେ ଏହାକୁ ସାନି କାର୍ଯ୍ୟକ୍ଷମ କରିବା ସହ ନୂଆ ଆବେଦନକାରୀଙ୍କୁ ଏଟିଏମ୍ କାର୍ଡ ପ୍ରଦାନ କରାଯିବ। ଜନୈକ ଚାଷୀ ଅବିନାଶ ପାତ୍ର କହିଛନ୍ତି ଯେ ସମବାୟ ବ୍ୟାଙ୍କରେ ମିଳୁଥିବା ସୁଧ ରିହାତି ତଥା ଅନ୍ୟ ସୁବିଧା ସୁଯୋଗ ଅନ୍ୟ ବ୍ୟାଙ୍କ ତୁଳନାରେ ଯଥେଷ୍ଟ ଭଲ। ମାତ୍ର ବ୍ୟାଙ୍କର ଅନଲାଇନକରଣ ସଠିକ ଭାବେ କରାଯାଇପାରୁନାହିଁ। ଏଟିଏମ୍ ସୁବିଧା ନମିଳିଲେ ପ୍ରତିଦିନ ଆର୍ଥିକ କାରବାରରେ ମଧ୍ୟ ଅସୁବିଧା ହେଉଛି। ଏଟିଏମ୍ ସୁବିଧା କାର୍ଯ୍ୟକ୍ଷମ ହେଲେ ଅଧିକ ଚାଷୀ ସମବାୟ ବ୍ୟାଙ୍କ ସହ ଯୋଡ଼ି ହେବେ।

# ବଢ଼ିଲା ହୋମଗାର୍ଡଙ୍କ ପାରିଶ୍ରମିକ

**ଭୁବନେଶ୍ୱର :** ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାର ହୋମଗାର୍ଡମାନଙ୍କର ଦୈନିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହି ପାରିଶ୍ରମିକ ବୃଦ୍ଧି ହେବ। ହୋମଗାର୍ଡଙ୍କ ଦୈନିକ ପାରିଶ୍ରମିକ ୪୨୩ଟଙ୍କା ପରିବର୍ତ୍ତେ ୫୩୩ଟଙ୍କାକୁ ବୃଦ୍ଧି ପାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ହୋମଗାର୍ଡମାନଙ୍କ ଦୈନିକ ପାରିଶ୍ରମିକ ୪୨୩ଟଙ୍କାରୁ ୫୩୩ଟଙ୍କାକୁ ବୃଦ୍ଧି ହୋଇଛି।ସୁପ୍ରିମକୋର୍ଟଙ୍କ ଦ୍ୱାରା ମାର୍ଚ୍ଚ ୧୭ତାରିଖର ରାୟ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ହୋମଗାର୍ଡମାନେ ଯେତିକି ଦିନ ଡ୍ୟୁଟି କରିବେ ସେମାନଙ୍କୁ ଅନୁରୂପ ଭାବେ ଦୈନିକ ୫୩୩ଟଙ୍କା ହିସାବରେ ପାରିଶ୍ରମିକ ମିଳିବ। ଆଉ ପ୍ରଚଳିତ ନିୟମ ଅନୁସାରେ ଯେଉଁ ସଂସ୍ଥା ଦ୍ୱାରା ହୋମଗାର୍ଡଙ୍କୁ ଡ୍ୟୁଟି ଦିଆଯିବ ସମ୍ପୃକ୍ତ ସଂସ୍ଥା ସେହି ପାରିଶ୍ରମିକ ପ୍ରଦାନ କରିବ। ଏହି ନିର୍ଦ୍ଦେଶ ଦ୍ୱାରା ରାଜ୍ୟର ପ୍ରାୟ ୧୮ହଜାରରୁ ଅଧିକ ହୋମଗାର୍ଡ ଉପକୃତ ହେବେ। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାର ବରି ଥାନା ଅଞ୍ଚଳର ହୋମଗାର୍ଡ ରଞ୍ଜନ କୁମାର ମଲ୍ଲିକ ଗତ ମେ' ୩୦ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା ସମ୍ଭବପର ହେଉନଥିବା ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପାରିଶ୍ରମିକ ବୃଦ୍ଧି ହେଉନଥିବା ପ୍ରତିବାଦରେ ସେ ରାଷ୍ଟ୍ରପତିଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଦାବି କରିଥିଲେ। ଶ୍ରୀ ମଲ୍ଲିକ ଏବେ ନିଖିଳ ଉତ୍କଳ ହୋମଗାର୍ଡ ମହାସଂଘର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି।

# ଆଉ ୯୩ ହସ୍ପିଟାଲରେ ଖୋଲିବ ଆହାର କେନ୍ଦ୍ର



**ଭୁବନେଶ୍ୱର :** ପ୍ରଥମ ପର୍ଯ୍ୟାୟରେ ଫାଇଭ-ଟି ଟ୍ରାନ୍ସଫରମେସନ 'ଆମ ହସ୍ପିଟାଲ'ରେ ସାମିଲ ହୋଇଥିବା ରାଜ୍ୟର ସମସ୍ତ ୧୪୭ଟି ସରକାରୀ ହସ୍ପିଟାଲ(ବ୍ଲକରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ) ମଧ୍ୟରୁ ବାକି ଥିବା ୯୩ଟି ହସ୍ପିଟାଲରେ ଆହାର କେନ୍ଦ୍ର ଖୋଲିବା ସହ ଏହା ସପ୍ତାହକ ୭ଦିନ ଯାକ ଖୋଲା ରହୁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଚିଠି ଲେଖି ନଗର ଉନ୍ନୟନ ସଚିବ ଜି ମାଥିଭାଥାନନଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀମତୀ ପଣ୍ଡିତ ଚିଠିରେ ଦର୍ଶାଇଛନ୍ତି ଯେ, ଫାଇଭ-ଟି ଅନ୍ତର୍ଗତ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୪୭ଟି ହସ୍ପିଟାଲର ଉନ୍ନୀତିକରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ ଉନ୍ନୀତିକରଣ କାର୍ଯ୍ୟ ଚଳିତବର୍ଷ ଅକ୍ଟୋବର ୩୧ତାରିଖ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁ ୧୪୭ଟି ହସ୍ପିଟାଲକୁ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମରେ ସାମିଲ ପାଇଁ ଚିହ୍ନଟ କରାଯାଇଛି ସେଥିରୁ ୫୪ଟି ହସ୍ପିଟାଲରେ ଏବେ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ବାକି ୯୩ଟି ହସ୍ପିଟାଲରେ ଆହାର କେନ୍ଦ୍ର ନାହିଁ। ଏହି ଆହାର କେନ୍ଦ୍ରଗୁଡ଼ିକ ଯେହେତୁ ରୋଗୀମାନଙ୍କ ସହାୟକଙ୍କ ପାଇଁ ବେଶ୍ ଉପଯୋଗୀ ହେଉଛି ତେଣୁ ଏହି ୯୩ଟି ହସ୍ପିଟାଲରେ କିଭଳି ଆହାର କେନ୍ଦ୍ର ଖୋଲିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ମାଥିଭାଥାନନଙ୍କୁ ଶ୍ରୀମତୀ ପଣ୍ଡିତ ଅନୁରୋଧ କରିଛନ୍ତି । ଆହାର କେନ୍ଦ୍ରଗୁଡ଼ିକ ରବିବାର ବନ୍ଦ ରହୁଥିବାରୁ ରୋଗୀଙ୍କ ସହାୟକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ହସ୍ପିଟାଲଗୁଡ଼ିକ ସବୁଦିନ ଖୋଲା ରହୁଥିବା ତଥା ଏଠାକୁ ସବୁଦିନେ ରୋଗୀ ଆସୁଥିବାରୁ ଆହାର କେନ୍ଦ୍ରଗୁଡ଼ିକ ୭ଦିନ ଯାକ ଖୋଲା ରଖିବା ଦିଗରେ ବିଚାର କରିବାକୁ ଶ୍ରୀ ପଣ୍ଡିତ ଅନୁରୋଧ କରିଛନ୍ତି।

### ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହେବେନି ଉପାନ୍ତ ଅଞ୍ଚଳର ଲୋକେ

# ୫୪୫ କୋଟି ବ୍ୟୟରେ କାର୍ଯ୍ୟକାରୀ ହେବ ପ୍ରକଳ୍ପ

**ଭୁବନେଶ୍ୱର :** ଦୁର୍ଗମ ଏବଂ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଲୋକେ ବି ଇଣ୍ଟରନେଟ୍ ବ୍ୟବହାର ପାଇଁ ସୁଯୋଗ ପାଇବେ। ଅନ୍‌ଲାଇନ୍ ବ୍ୟବସ୍ଥା ସହ ଯୋଡ଼ିହୋଇ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ସକ୍ଷମ ହେବେ। ଇଣ୍ଟରନେଟ୍ ଅଭାବ ପାଇଁ ରାଜ୍ୟର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ସମସ୍ୟା ଭୋଗିବେ ନାହିଁ ଅବା ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକିବ ନାହିଁ। କାରଣ ରାଜ୍ୟର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ପହଞ୍ଚାଇବା ଦିଗରେ କାମ ଆରମ୍ଭ କରିଛନ୍ତି ଓପିଟିସିଏଲ୍, ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଏବଂ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର (ଓକାକ୍)। ଗତ ମାସରେ ଏଥିପାଇଁ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ କେବଳ ବ୍ଲକ ମୁଖ୍ୟାଳୟ ନୁହେଁ ବରଂ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମପଞ୍ଚାୟତରେ ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ। ଆସନ୍ତା ବର୍ଷ ସୁଦ୍ଧା ସେବା ଆରମ୍ଭ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଆଜିର ଯୁଗରେ ସବୁ ଜରୁରୀ କାର୍ଯ୍ୟରେ ଇଣ୍ଟରନେଟ୍ର ବହୁ ଆବଶ୍ୟକତା ଥିବା ବେଳେ ଇଣ୍ଟରନେଟ୍ ଅଭାବ ବଡ଼ ବାଧକ ସୃଷ୍ଟି କରୁଛି। ବିଶେଷକରି ବ୍ୟାଙ୍କ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସାଧାରଣ କ୍ଷେତ୍ରରେ ସେବା ପାଇବା ପାଇଁ ଇଣ୍ଟରନେଟ୍ର ଯଥେଷ୍ଟ ଆବଶ୍ୟକତା ରହିଛି। ରାଜ୍ୟ ସରକାର '୫-ଟି' ଉପକ୍ରମ ଅଧୀନରେ ଯେଉଁ ସବୁ ଜନକୈନ୍ଦ୍ରିକ ଓ କଲ୍ୟାଣମୂଳକ ପଦକ୍ଷେପ ନେଇଛନ୍ତି ସେଥିରେ ଦ୍ରୁତ ଇଣ୍ଟରନେଟ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେବ ଏବଂ ଲୋକମାନେ ସରକାରୀ ସୁବିଧାର ଲାଭ ପାଇପାରିବେ। ଓପିଟିସିଏଲ୍ ଏବଂ ଓକାକ୍ର ମିଳିତ ଉଦ୍ୟମ ଫଳରେ ଧାର୍ଯ୍ୟ ସମୟ ଭିତରେ ଭାରତନେଟ୍-୧ ପ୍ରକଳ୍ପ ଶେଷ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ କାମ ଆରମ୍ଭ ହୋଇଛି। ୫୪୫ କୋଟି ଟଙ୍କା ବିନିମୟରେ ୨୦,୦୦୦ କିମି ଦୀର୍ଘ ଅପ୍ଟିକାଲ ଫାଇବର କେବଲିଂ ମାଧ୍ୟମରେ ୧୩୨ଟି ବ୍ଲକ ଅଧୀନରେ ଥିବା ୨୯୩୨ ଗ୍ରାମ ପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ଯଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ସହଜରେ ବ୍ୟାଙ୍କିଙ୍ଗ୍, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ପାଇପାରିବେ। ସୂଚନାଯୋଗ୍ୟ ଯେ ରାଜ୍ୟର ୪ ହଜାରରୁ ଅଧିକ ଗ୍ରାମରେ ଇଣ୍ଟରନେଟ୍ ସେବା ପହଞ୍ଚି ନଥିବା ବେଳେ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଛି। ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ଦିଗରେ ଯାହା ସହଯୋଗ ଦରକାର ତାହା ରାଜ୍ୟ ସରକାର ପ୍ରଦାନ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।



# ରାଜ୍ୟର ଅପହଞ୍ଚ ଅଞ୍ଚଳକୁ 'ମୁଖ୍ୟମନ୍ତ୍ରୀ ସଡ଼କ'

## ନିର୍ମାଣ ହେବ ୩୪୦୪ କିଲୋମିଟର ସଡ଼କ ପଥ

## ଦୁଇ ବର୍ଷ ପାଇଁ ୪୯୪୭ କୋଟି ବ୍ୟୟ ଅଟକଳ



**ଭୁବନେଶ୍ୱର :** ଅର୍ଥନୀତିକୁ ସମୃଦ୍ଧ କରିବାରେ ଉନ୍ନତ ଗମନାଗମନ ବ୍ୟବସ୍ଥା ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱାରୋପ କରି ଆସୁଛନ୍ତି। ବିଜୁ ଏକ୍ସପ୍ରେସ ୱେ'ଠାରୁ ଆରମ୍ଭ କରି ରାଜ୍ୟବ୍ୟାପୀ ଗ୍ରାମାଞ୍ଚଳରେ ସବୁଦିନିଆ ରାସ୍ତା ନିର୍ମାଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ସମ୍ପର୍କିତ ମୋଟ ୪ଟି ବଡ଼ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ଅପହଞ୍ଚ ଅଞ୍ଚଳକୁ ଯୋଡ଼ିବ 'ମୁଖ୍ୟମନ୍ତ୍ରୀ ସଡ଼କ'। ଗାଁରୁ ସହର ପର୍ଯ୍ୟନ୍ତ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ସହ ଏହି ସଡ଼କ ମୁଖ୍ୟ ରାଜପଥକୁ ସଂଯୋଗ କରିବ। ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତାସହ ସଂଯୋଗୀକରଣ ପାଇଁ ୧୧୬୦ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ଏବଂ ଆସନ୍ତା ୨୦୨୪-୨୫ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତିକରଣ ପାଇଁ ୧୮୯୩ କୋଟି ଟଙ୍କା ଅନୁମୋଦିତ କରାଯାଇଛି। ସେହିପରି ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ ପାଇଁ ଏହି ୨ ବର୍ଷରେ ୯୭୬ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ଅଧିନସ୍ଥ ରାସ୍ତାଗୁଡ଼ିକର ଉନ୍ନତିକରଣ ପାଇଁ ୯୧୮ କୋଟି ଟଙ୍କାର ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଅତଏବ ଉପରୋକ୍ତ ଏହି ୪ଟି ଯୋଜନା ବାବଦରେ ରାଜ୍ୟ ସରକାର ଆସନ୍ତା ୨ ବର୍ଷ ପାଇଁ ମୋଟ ୪୯୪୭ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାଦ୍ୱାରା ମୋଟ ୩୪୦୪ କିମି ନୂତନ ରାସ୍ତା ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ଏବଂ ଅନ୍ୟ ସରକାରୀ ବିଭାଗ ଗୁଡ଼ିକରୁ ହସ୍ତାନ୍ତରିତ ହୋଇଥିବା ରାସ୍ତା ଗୁଡ଼ିକର ଉନ୍ନତିକରଣ କରିବାପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା–ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତିକରଣ' ଯୋଜନା ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଥିବା ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର, ପର୍ଯ୍ୟଟନ ସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ଏବଂ ମୁଖ୍ୟସ୍ରୋତରୁ ବଞ୍ଚିତ ରହିଥିବା ସ୍ଥାନୀୟ ବାସିନ୍ଦାଙ୍କର ଜୀବନଶୈଳୀର ଉନ୍ନତିକରଣ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ରାଜ୍ୟ କ୍ୟାବିନେଟ ଏହି ଯୋଜନାଟିକୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରିବା ପାଇଁ ମୋଟ ୧୮୯୩ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ପ୍ରାୟ ୧୮୧୪.୯୨ କିଲୋମିଟର ନୂତନ ରାସ୍ତା ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ଭବ ହୋଇପାରିବ। ସେହିପରି ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଥିବା ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ଯୋଡ଼ିବା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା- ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଥିବା ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ପ୍ରଣୟନ କରିଛନ୍ତି। ଏହି ଯୋଜନା ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଗମାନଗମନର ଉନ୍ନତିକରଣ ତଥା ବିଭିନ୍ନ ବ୍ଲକ, ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରରିପେକ୍ଷୀରେ ରାଜ୍ୟ କ୍ୟାବିନେଟ ଆଜି ଏହି ଯୋଜନାରେ ୨ ଆର୍ଥିକ ବର୍ଷ ପାଇଁ ମୋଟ ୧୧୬୦ କୋଟି ଟଙ୍କା ବ୍ୟୟବରାଦକୁ ଅନୁମୋଦନ ଦେଇଛନ୍ତି। ଏହି ଅର୍ଥ ଦ୍ୱାରା ୬୭୩.୪୯ କିଲୋମିଟର ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲି ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ। ତୃତୀୟ ବଡ଼ ନିଷ୍ପତ୍ତି ସ୍ୱରୂପ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା–ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନାରେ ୯୭୬ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ ଦେଇଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ଜୁନ୍ - ୦୨ ଜୁଲାଇ, ୨୦୨୩

# କର୍ମ ଦରକାର, ମାଗଣା ଯୋଜନା ନୁହେଁ

ସମ୍ବାଦକାନ୍ତି



ତାରକ ମହାନ୍ତି

ନିର୍ବାଚନ ଯେତେ ଯେତେ ପାଖେଇ ଆସେ ଶାସନରେ ଥିବା ରାଜନୈତିକ ଦଳ ମାନେ ତାଙ୍କ ନିର୍ବାଚନୀ ଇସ୍ତାହାହାରରେ କଣ କଣ ନୂଆ ଯୋଜନା ଯୋଡି ଭୋଟରଙ୍କୁ ଆକର୍ଷିତ କରିପାରିବେ ତାହା ହିଁ ଆଜିକାଲିର ପ୍ରଥମ ରଣକୌଶଳ। ତେବେ ଏଥିରେ ଜାତୀୟ ଦଳ ଅପେକ୍ଷା ଆଞ୍ଚଳିକ ଦଳ ମାନଙ୍କର ଅଧିକ ପ୍ରଭାବ ଦେଖିବାକୁ ମିଳୁଛି। ନିକଟରେ କର୍ଣ୍ଣଟକ ଭୋଟ ବେଳେ କଂଗ୍ରେସ ପକ୍ଷରୁ ଅନେକ ଗୁଡିଏ ମାଗଣା ପ୍ରତିଶୃତି ଦିଆଯାଇଥିଲା, ଯାହା ଆଜି କାର୍ଯ୍ୟକାରୀ ହେବାକୁ ଯାଉଛି ଓ ଆଉ କେତେକ କାର୍ଯ୍ୟକାରୀ ହୋଇସାରିଛି। ଏଥିରେ କଂଗ୍ରେସ ଭଳି ଏକ ସର୍ବ ପୁରାତନ ଦଳ ଆଞ୍ଚିକ ଦଳ ମାନଙ୍କ ଢାଞ୍ଚା ଅନୁସରଣ କରି ନିର୍ବାଚନରେ ସଫଳତା ପାଇଥିବା କଥା କୁହାଯାଉଛି। ହେଲେ ଏଭଳି ମାଗଣା ଯୋଜନାର ମୁଖ୍ୟ ପ୍ରୟୋଗକାରୀ ରାଜ୍ୟ ଭାବେ ସର୍ବାଗ୍ରେ ରହିଥିଲା ତାମିଲଲନାଡୁ। ତତ୍କାଳୀନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିତା ହିଁ ଏହି ମାଗଣା ଯୋଜନାର ଜନ୍ମଦାତ୍ରୀ ବୋଲି କହିହେବ। କାରଣ ସେ ହିଁ ଅଧିକ ମାଗଣା ଯୋଜନା କରି ଅଧିକ ଲୋକପ୍ରିୟତା ପାଇଥିଲେ। ଧୀରେ ଧୀରେ ତାମିଲନାଡୁ ସରକାରଙ୍କ ଲୋକପ୍ରିୟ ଯୋଜନାକୁ ଦେଶର ଆଞ୍ଚଳିକ ଦଳ ମାନେ ଆପଣେଇ ନେଇ ଏଯାଏ ନିର୍ବାଚନୀ ସଫଳତା ପାଇ ଚାଲିଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ବିଜୁ ଜନତା ଦଳ ବା ବିଜେଡି ଅନ୍ୟ ଆଞ୍ଚଳିକ ଦଳ ଠାରୁ ଆଗରେ ରହିଛି। ମାଗଣା ଖାଦ୍ୟ, ମାଗଣା ଜମି ଠାରୁ ଆରମ୍ଭ କରି ଛତା, ଜୋତା, ଲାପଟପ ପର୍ଯ୍ୟନ୍ତ ମାଗଣା ଦେଇ ବିଜେଡି ସମାଜର ଗୋଟିଏ ବର୍ଗଙ୍କୁ ଖୁସି କରେଇ ଭୋଟ ହାତେଇବାର ଯେଉଁ ସୂତ୍ର ଧରିଛି ତାହା ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ଯେଉଁ ମାଗଣା ଯୋଜନା ଚାଲିଛି ବା ଚାଲିବାକୁ ଅଛି ତାହା ଉକ୍ତ ଦଳୀୟ ଟଙ୍କାରେ ଚାଲୁନାହିଁ. ଏହା ସରକାରୀ ଯୋଜନା ଭାବେ କାର୍ଯ୍ୟକାରୀ କରାଯାଉଛି। ହେଲେ ଏଠାରେ ବୁଝିବାକୁ ପଡିବ ଯେ, ଗୋଟିଏ ବର୍ଗର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଗଲେ ଅନ୍ୟ ବର୍ଗର ଲୋକ ଖୁସି ହେବେ କାହିଁକି? କାହିଁକି ନା ରାଜକୋଷରୁ ଖର୍ଚ୍ଚ କରାଯାଉଥିବା ଅର୍ଥ ରାଜ୍ୟବାସୀଙ୍କ ବିକାଶ କାର୍ଯ୍ୟରେ ଲାଗିବା ଦରକାର। ଲୋକଙ୍କ ଟିକସ ଅର୍ଥ କଣ ଗୋଟିଏ ବର୍ଗର ବିକାଶ ପାଇଁ ସଂଗୃହିତ ହେଉଛି!

ଏଭଳି ଅନେକ ପ୍ରଶ୍ନ ସାଧାରଣ ଲୋକଙ୍କ ମନ ଭିତରେ ଥିଲେ ବି କେହି ଏହା ବିରୋଧରେ ସ୍ୱର ନଉଠାଇବା ଫଳରେ ସରକାର ଏକପାଖିଆ ନିଷ୍ପତି ନେଇ ଚାଲିଛନ୍ତି। ଯାହା ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ। ଲୋକଙ୍କ ହାତକୁ କାମ ନଦେଇ ତାଙ୍କୁ ବେକାର କରି ମାଗଣା ଯୋଜନା ଉପଲବ୍ଧ କରାଇବାକୁ ବିକାଶ କୁହାଯିବନି। ବରଂ ଉକ୍ତ ଅର୍ଥ ଭଲ ସ୍ୱାସ୍ଥ୍ୟ ସେବା, ମାଗଣାରେ ଉଚ୍ଚ ଶିକ୍ଷା ଦିଆଯାଇପାରିଲେ ଲୋକଙ୍କ ବିକାଶ ସହିତ ରାଜ୍ୟର ବିକାଶ ସମ୍ଭବ ବୋଲି କହିବା ଉଚିତ ହେବ। ଗଣତନ୍ତ୍ରରେ ଜନସାଧାରଣ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଦେଇ କାର୍ଯ୍ୟ କରାଯିବା ଉଚିତ। ମାତ୍ର ସାମ୍ପ୍ରତିକ କାଳରେ ଭୋଟ ଆଧାରରେ ସେବା ପ୍ରଦାନ କରିବା କେତେଦୂର ଯଥାର୍ଥ ତାହାର ସମୀକ୍ଷା ହେବା ଦରକାର। ଭୋଟ ପାଇଁ ରାଜନୈତିକ ଦଳ ମାନଙ୍କ ମଧ୍ୟରେ ଯେଉଁଭଳି ପ୍ରତିଯୋଗିତା ଆରମ୍ଭ ହୋଇଛି ତାହା ଦିନେ ନା ଦିନେ ଦେଶକୁ ଦେବାଳିଆ କରିଦେବ। କାରଣ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ନିଜେ ନିଜକୁ ସ୍ୱାବଲମ୍ବୀ ନକରି ଲୋକେ ଏ ମାଗଣା ଯୋଜନାକୁ ଅପେକ୍ଷା କରିବା ଅତ୍ୟନ୍ତ ଲଜ୍ଜାକର ମନେହେଉଛି। କାରଣ ପ୍ରତ୍ୟେକ ପରିବାରରେ ଶିକ୍ଷିତଙ୍କ ସଂଖ୍ୟା ବଢ଼ି ଚାଲିଥିଲା ବେଳେ ସେମାନଙ୍କ ପାଇଁ ଉପଯୁକ୍ତ ରୋଜଗାର ବ୍ୟବସ୍ଥା ନକରି ସରକାର ଜୋକ ମୁହଁରେ ଲୁଣ ଦେଲା ପରି କିଛି ମାଗଣା ଯୋଜନା ଦେଇ ସେମାନଙ୍କୁ ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଥିବା ବେଳେ ଏହା ସେମାନଙ୍କ ଭବିଷ୍ୟତକୁ କେବେ ହେଲେ ଗଢ଼ିପାରିବ ନାହିଁ। ତେଣୁ ସମସ୍ତଙ୍କୁ ସ୍ୱାବଲମ୍ବି କରିବା ବଦଳରେ ଯେତେବେଳେ ମାଗଣା ଯୋଜନା କରି ଶିକ୍ଷିତ ବେକାରଙ୍କ ଭବିଷ୍ୟତକୁ ନଷ୍ଟ କରାଯାଉଛି ତାହାକୁ ବିରୋଧ କରାଯିବା ଦରକାର।

# ପବିତ୍ର ହେରାପଞ୍ଚମୀ

## ନିରୁପମା ଭୂୟାଁ

ଶ୍ରୀଜିଉମାନେ ଏବେ ଆଡ଼ପ ମଣ୍ଡପର ପୂଜା ପାଉଛନ୍ତି । ଇତିମଧ୍ୟରେ ଠାକୁର ମାନଙ୍କର ଶ୍ରୀମୁଖ ସିଂହାର ନୀତି ବନକଲାଗି କରାଯାଇଥିଲା । ଆଜି ହେବ ହେରାପଞ୍ଚମୀ ନୀତି । ସଂଧ୍ୟା ଧୂପ ପୂର୍ବରୁ ମା ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ବିଜେ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ଏହାପରେ ଆନୁସଙ୍ଗିକ ନୀତି ହୋଇ ଆଜ୍ଞାମାଳ ପ୍ରଦାନ ବେଳେ ଟେରା ପଡ଼ି ନୀତି ବଢ଼ିବ । ସାଧାରଣତଃ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିର ଉତ୍ସବକୁ ହେରା ପଞ୍ଚମୀ, ହେରୋତ୍ସବ ବା ଲକ୍ଷ୍ମୀ ବିଜୟ ଉତ୍ସବ କୁହାଯାଏ । ଉକ୍ତ ଦିବସରେ ମା'ଲକ୍ଷ୍ମୀ ଜଗନ୍ନାଥଙ୍କର ଏକାନ୍ତ ଦର୍ଶନ କରନ୍ତି । ଏହି ନୀତିକୁ ପାଳିଆ ପଶୁପାଳକ, ଚାଙ୍ଗଡ଼ା, ମେକାପ, ପାଳିଆ ମେକାପ, ପୂଜାପଣ୍ଡା, ମୁଦୁଲି, ମହାଜନ, ବିମାନବଡୁ, ପତ୍ରି, ଭିତରଛ ମହାପାତ୍ର, ଗରାବଡୁ ଆଦି ସେବକମାନେ ବିଧି ପୂର୍ବକ ସମ୍ପାଦନ କରିଥାନ୍ତି । ହେରା ପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ବଢ଼ିସାରି ବନକଲାଗି ହୋଇଥାଏ । ଏହାପରେ ଚାଙ୍ଗଡ଼ା ମେକାପଠାରୁ ପାଟଶାଢ଼ୀ, ଅଳଙ୍କାର ଭଣ୍ଡାର ଘରୁ ଅଣାଯାଇ ଲକ୍ଷ୍ମୀ ଠାକୁରାଣୀଙ୍କୁ ବେଶ କରାଯାଏ । ବେଶ ପରେ ପାଳିଆ ମେକାପ, ପଢ଼ିଆରୀ ଓ ମୁଦୁଲି ନେଇଥିବା ପନ୍ତି ଭୋଗକୁ ପୂଜାପଣ୍ଡା ପୂଜା କରନ୍ତି । ଏହାପରେ ମହାଜନ ମାନଙ୍କ ଦ୍ୱାରା ବଟମୂଳେ ରଖାଯାଇଥିବା ବିମାନରେ ଲକ୍ଷ୍ମୀ ବିଜେ କରନ୍ତି, ସିଂହଦ୍ୱାର ଓ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ପାଖରେ ଥିବା ନନ୍ଦିଘୋଷ ରଥ ନିକଟରେ ବିମାନକୁ ରଖାଯାଏ । ଘଣ୍ଟ, କାହାଳୀ ଛତ୍ର ଇତ୍ୟାଦି ସହ ସେବକ ଓ ଦେବଦାସୀଙ୍କ ଗହଣରେ ମହାଆଡ଼ମ୍ବରରେ ପଟୁଆରରେ ଯାଇଥାନ୍ତି । ସେଠାରେ ପହଞ୍ଚିବା ପରେ ପ୍ରସାଦ ଲାଗି ବନ୍ଦାପନା, ଆଳଟ ଚାମର ନୀତି ଘଷା ବିଡ଼ିଆ ଓ ଦହିପଟି ଲାଗି ହୁଏ । ଏ ସମୟରେ ମଧ୍ୟାହ୍ନରେ ଆଡ଼ପ ମଣ୍ଡପରେ ଜୀଉମାନଙ୍କର ମଧ୍ୟାହ୍ନ ଧୂପ ନୀତି ପରେ ଆଳତୀ ଶେଷ ହୋଇଥାଏ । ସନ୍ଧ୍ୟାଧୂପ ପାଇଁ ନୀତି ଚାଲିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ମହାପ୍ରଭୁଙ୍କ ସାନ୍ତ୍ୱନା ସ୍ୱରୂପ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ଦିଆଯାଇଥାଏ । ଅଭିମାନିନୀ ମହାଲକ୍ଷ୍ମୀଙ୍କର ପ୍ରାଣପ୍ରିୟ ଶ୍ରୀଜଗନ୍ନାଥଙ୍କୁ ଏକାନ୍ତ ଦର୍ଶନ ପରେ ଶ୍ରୀମନ୍ଦିରକୁ ପ୍ରଭୁ ଚଞ୍ଚଳ ପ୍ରତ୍ୟାବର୍ତ୍ତନ କରିବାର ଆଶ୍ୱାସନା ଦେଇଥାନ୍ତି । ଏହାପରେ ନାକଚଣା ଦ୍ୱାର ଦେଇ ଲକ୍ଷ୍ମୀଙ୍କର ବିମାନ ନନ୍ଦିଘୋଷ ରଥ ନିକଟକୁ ଆସି ରଥର କାଠ ଖଣ୍ଡିଏ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାଏ । ଶ୍ରୀମନ୍ଦିରର ସତ୍ତ୍ୱଲିପିରେ ବର୍ଣ୍ଣିତ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ଭିତରେ ହେରାପଞ୍ଚମୀ ନୀତି ଅତିବ ଗୁରୁତ୍ୱପୂର୍ଣ୍ଣ। ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ହେରାପଞ୍ଚମୀ ଦିନଟି ଏକ ପୁଣ୍ୟ ଦିନ ଭାବରେ ବିଚାର କରାଯାଇଥାଏ। ବିଶେଷକରି ଏହି ଦିନରେ ମହାପ୍ରଭୁଙ୍କ କୃପା ପାଇବା ପାଇଁ ଅଗଣିତ ଶ୍ରଦ୍ଧାଳୁ ପୁରୀରେ ସମବେତ ହୋଇଥାନ୍ତି। ଏହି ଦିନରେ ମା'ଲକ୍ଷ୍ମୀଙ୍କ ପିତା ବରୁଣ ଦେବଙ୍କ ପ୍ରତୀକ ମହୋଦଧିରେ ସ୍ନାନ କରି ଗରିବ ବ୍ରାହ୍ମଣ ବା କ୍ଷୁଧାର୍ତ୍ତ ମାନଙ୍କୁ ପ୍ରସାଦ ଦାନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। କିଛି ଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଦିବସ ସାରା ଉପବାସ କରି ପବିତ୍ର ନାମ ସ୍ମରଣ ପୂର୍ବକ ସୂର୍ଯ୍ୟାସ୍ତ ପରେ ପ୍ରସାଦ ଗ୍ରହଣ କରି ହେରାପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହି ବ୍ରତ ପାଳନ ଦ୍ୱାରା ନିଜ ଜୀବନର ପାପ ମୋକ୍ଷ ହେବା ସହ ପରିବାରର ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ଆନନ୍ଦ ବିରାଜମାନ ହେବାର ଲୋକବିଶ୍ୱାସ ରହିଛି। ପୁରୀରେ ଉପସ୍ଥିତ ହୋଇପାରୁ ନଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଗାଁ ଗଣ୍ଡାରେ ଥିବା ଜଗନ୍ନାଥ ମନ୍ଦିର, ଭାଗବତ ଗାଦି ବା ଦେବାଦେବୀଙ୍କ ମନ୍ଦିରରେ ଭକ୍ତି ନୈବେଦ୍ୟ ଅର୍ପଣ କରି ପୂଜା ଓ ପ୍ରାର୍ଥନା ସହ କେତେକ ସ୍ଥାନରେ ସମବେତ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥାଏ। ଉତ୍କଳୀୟ ଚେତନାରେ ଶ୍ରୀ ମହାପ୍ରଭୁଙ୍କୁ ନେଇ ସମସ୍ତଙ୍କର ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ପର୍ଯ୍ୟବେସିତ ହୋଇଥିବାରୁ ଏହି ଦିନଟି ପ୍ରତିଟି ଉତ୍କଳୀୟଙ୍କ ପାଇଁ ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ଗୁରୁତ୍ୱ ରଖିଥାଏ। ଶ୍ରୀ ମହାପ୍ରଭୁଙ୍କ ହେରାପଞ୍ଚମୀ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ରଖିଥାଏ। ସେବାୟତମାନେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିଭାବନାର ସହିତ ଏହି କାର୍ଯ୍ୟକ୍ରମକୁ ସମାହିତ କରିଥାନ୍ତି। ଶ୍ରୀଜୀଉଙ୍କ ଏହି ପବିତ୍ର ହେରାପଞ୍ଚମୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରୁ ଏହି ପ୍ରାର୍ଥନା କରୁଛି।

*ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦*

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସବା ଉପରେ ଆମର ପରିଚିତି ଆମର ଅସ୍ମିତା



**ଗଜାନନ ମିଶ୍ର**

ପ୍ରଫେସର ଗଣେଶୀ ଲାଲ୍, ମାନ୍ୟବର ରାଜ୍ୟପାଳ ଓଡିଶା ଯଥାର୍ଥରେ ବାର୍ତ୍ତା ଦେଇଛନ୍ତି ଯେ ଭାଷା ଥିବାରୁ ଆମେ ସ୍ୱତନ୍ତ୍ର ଭୂଗୋଳଟିଏ ପାଇଲେ। ଆମର ପରିଚିତି ଓ ଅସ୍ମିତାରେ ଓଡିଆ ଭାଷାର ସ୍ଥାନ ସବା ଉପରେ। ଏହି ଭାଷାର ସଂରକ୍ଷଣ, ପ୍ରସାର ଏକାନ୍ତ ଆବଶ୍ୟକ।

କିନ୍ତୁ ହାୟ, ଆଜି ବି ଆମର ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ ଓଡିଶାର ମାଟିରେ, ପାଣି ପବନରେ ଆମର ଲୋକଙ୍କ ଟିକସଟଙ୍କାରେ ବଞ୍ଚୁଥିବା ଆମେ ଓ ଆମର ମାନ୍ୟବର ଅଦାଲତ ଏ କଥାକୁ ବୁଝି ବି ମାନିବାକୁ ନାରାଜ। କଟୁ ତିକ୍ତ କଷାୟ ହେଲେ ବି ଏଇଟା ସତ ଯେ ଆମେ ଆମ ଲୋକକୁ ଆମ ରାଜ୍ୟକୁ ଧୋକା ଦେଉ ନାହୁଁ ତ! ନିଜକୁ ପଚାରିବାର ଅଛି ନିମକହାରାମ କାର୍ଯ୍ୟ କରୁ ନାହୁଁ ତ! ଆପଣା ହସ୍ତେ ଜିହ୍ୱା ଛେଦି, କେ ତାର ଅଛି ପ୍ରତିବାଦୀ, ଓଡିଆ ଭାଷା ଯଦି ନାହିଁ ସମସ୍ତେ ଆମେ ବୁଝିଯିବା ଉଚିତ୍ ଓଡିଶା ନାହିଁ। ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା ଲୋକସେବା ଭବନ, ଭୁବନେଶ୍ୱରରୁ କହୁଛନ୍ତି ଯେ ଭାଷା ହେଉଛି ଗୋଟିଏ ଜାତିର ସର୍ବ ଶ୍ରେଷ୍ଠ ସଂପଦ। ତାର ଅସ୍ମିତାର ସଦର୍ପ ପରିଚୟ। ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଓଡିଆ ଭାଷାରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ହୋଇଛି ଏବଂ ଭାରତୀୟ ସାରସ୍ୱତ ଜଗତର ଶ୍ରୀବୃଦ୍ଧି କରିଛି। ଓଡିଆ ଭାଷାର ସୁରକ୍ଷା, ପ୍ରଚାର ତଥା ଲୋକପ୍ରିୟତା ବୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମଭାଷାକୁ ଚଳଚଞ୍ଚଳ କରିବା ପାଇଁ, ଏହାର ବ୍ୟବହାରକୁ ଅଧିକ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏ ଦିଗରେ ପରିବାର ଓ ସମାଜର ଗୁରୁଦାୟିତ୍ୱ ରହିଛି। ଏହା ସତ୍ୟ ଯେ ୧୯୫୪ ମସିହାରୁ ଓଡିଶା ସରକାରୀ ଭାଷା ଆଇନ ତିଆରି ହୋଇ ସାରିଛି ଯୋଉଠି ଲେଖା ହୋଇଛି ସବୁ ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। ଜୁନ ମାସ ଛଅ ତାରିଖ ୧୯୭୨ ମସିହାରୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି ଯେ ଅଦାଲତର ଭାଷା ଓଡିଆ। ତଥାପି କେହି ମାନିବାକୁ ନାହାନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ତାଙ୍କ ଦ୍ୱାରା ଲିଖିତ ସାଧାରଣ ଆଦେଶାବଳୀରେ ଇଂରେଜି ରଖିଛନ୍ତି ଏ ଯାଏ ଯଦିଓ ଇଂରେଜି ଭାଷା ଆମ ସମ୍ବିଧାନର ଅଷ୍ଟମସୂଚୀରେ ନାହିଁ କି ଓଡିଶା ରାଜ୍ୟ ଭାଷା ଆଇନରେ ନାହିଁ।

୨୦୧୯ ମସିହାରେ ଆମ ଓଡିଶା ସରକାର ଭାଷା ଆଇନକୁ ସଂଶୋଧନ କରି ଶତ ପ୍ରତିଶତ ଓଡିଆ ଭାଷା ବ୍ୟବହାର ନ କଲେ ଦଣ୍ଡିତ ହେବାର ବ୍ୟବସ୍ଥା କରିଛନ୍ତି। ଏହାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଜ୍ଞାତକୁ ନେଇ ଅଧସ୍ତନ ଅଦାଲତରେ ରାଜ୍ୟର ଭାଷାକୁ ବାଧ୍ୟତାମୂଳକ କରି ଦେବା ଆବଶ୍ୟକ ଅଟେ। ପ୍ରକୃତରେ ନ୍ୟାୟାଳୟ ପାଖରେ ସତ୍ୟ ଓ ନ୍ୟାୟର ଧ୍ୱଜା ରହିଛି।

ସାଧାରଣ ପ୍ରଶ୍ନ ଉଙ୍କି ମାରୁଛି ଯେ ରାଜ୍ୟର ଆଇନ କଣ ଉଚ୍ଚ ନ୍ୟାୟାଳୟ ବା ଅଧସ୍ତନ ନ୍ୟାୟାଳୟ ପାଇଁ ଲାଗୁ ନୁହଁ? ଯଦି ଅଦାଲତ ଭାଷା ଆଇନକୁ ନ ମାନିବେ, ଅନ୍ୟ କିଏ କିଆଁ ମାନିବ! ଯଦି ଆଇନକୁ ନ ମାନିବେ, ଅଦାଲତର ଆଦେଶ/ରାୟ କିଏ ମାନିବ? ଅରାଜକତା ବ୍ୟାପିଯିବ ସର୍ବତ୍ର। ଆଇନଟିଏ ବା ବିଜ୍ଞପ୍ତିଟିଏ ପ୍ରକାଶ ପାଇଲେ ଅଦାଲତକୁ ଲାଗୁ ନ ହେବାର କାରଣ କଣ ବୁଝା ପଡୁ ନାହିଁ। କଣ ଅଦାଲତ ଲୋକଙ୍କଠୁ ବଡ? ଲୋକଙ୍କ ଟଙ୍କା କଣ ଖର୍ଚ୍ଚ ହେଉ ନି ଅଦାଲତରେ? ଲୋକଙ୍କ ସଂପୃକ୍ତି କେତେ? ଓଡିଆ ଭାଷା ଆଇନ ନ ମାନିଲେ ଯୋଉ ଦଣ୍ଡାଦେଶ ସବୁ ରହିଛି ଯଥା ଚରିତ୍ର ପଂଜିକାରେ ପ୍ରତିକୂଳ ମନ୍ତବ୍ୟ, ବାର୍ଷିକ ବେତନ ଅଭିବୃଦ୍ଧି ସ୍ଥଗିତ, ଉଚ୍ଚ ପଦବୀକୁ ଯିବା ରହିତାଦେଶ, ନିଲମ୍ବନ, ନିମ୍ନ ସୋପାନ ଖସା, ବାଧ୍ୟତାମୂଳକ ଅବସର, ସେବାରୁ ବହିଷ୍କାର, ଭବିଷ୍ୟତ ନିଯୁକ୍ତି ପାଇଁ ଅଯୋଗ୍ୟତା ଇତ୍ୟାଦି ବିଚାରାଳୟ କର୍ମଚାରୀଙ୍କ ପ୍ରତି କିଆଁ ଲାଗୁ ହେବ ନାହିଁ। ଆଇନଛାତ୍ରଗଣ ଆଇନ ପାଠ କିଆଁ ପଢିବେ ନାହିଁ ଓଡିଆ ଭାଷାରେ। ଅଦାଲତ ବା ବିଚାର ପ୍ରକ୍ରିୟାରେ ସବୁ ଛାଡ କି? ଆଇନ ପ୍ରଣୟନ ସଂସ୍ଥା ବା ବିଧାନ ମଣ୍ଡଳ ଅଛି କାହା କାହା ପାଇଁ ତାହେଲେ? ମହାମହିମଙ୍କ ଦସ୍ତଖତରେ ରାଜପତ୍ର ପ୍ରକାଶ ହେଲାପରେ ତାହାକୁ କଣ ଅଦାଲତ ବା ବିଚାରବିଭାଗ ମାନିବ ନାହିଁ। ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ବିଚାରବିଭାଗ କଣ ଏତେ ସ୍ୱୟଂକ୍ରିୟ?

ଭାରତୀୟ ସମ୍ବିଧାନର ଆମୁଖରେ ସ୍ପଷ୍ଟ କରାଗଲା ଯେ - ଆମ୍ଭେ, ଭାରତର ଜନଗଣ, ଭାରତକୁ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ଜନରାଜ୍ୟ ଭାବରେ ଗଠନ କରିବେ ଏବଂ ଏହାର ସବୁ ନାଗରିକଙ୍କ ନିମ୍ନୋକ୍ତ ବିଷୟ ସୁନିଶ୍ଚିତ କରିବା ପାଇଁ ବିଧିବତ୍ ସଂକଳ୍ପବଦ୍ଧ ଅଟୁ। ନ୍ୟାୟ- ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ, ସ୍ୱତନ୍ତ୍ରତା- ଚିନ୍ତାଧାରା, ବକ୍ତବ୍ୟ, ଧାରଣା, ବିଶ୍ୱାସ ଏବଂ ଉପାସନା, ସମାନତା - ମର୍ଯ୍ୟାଦା ଓ ସୁବିଧାପ୍ରଦାନ, ଭାତୃତ୍ୱ - ବ୍ୟକ୍ତି ମର୍ଯ୍ୟାଦା, ଜାତିର ଏକତା ଓ ଅଖଣ୍ଡତା ଇତ୍ୟାଦି ଇତ୍ୟାଦି। କେବଳ ଲୋକଙ୍କ ଭାଷା ବ୍ୟବହାର ନ କରିବା ଦ୍ୱାରା ଏସବୁ ଉଲଂଘନ କରାହେଉଛି ବୋଲି ବିଚାର କରିବାକୁ ହେବ। ସତ କହିଲେ ସବା ଉପରେ ହିଁ ଆମ ମାଟିର ଭାଷା ଯୋଉଥିରେ ରହିଛି ଆମର ପରିଚିତି ଆମର ଅସ୍ମିତା। ଆମର ସମ୍ବିଧାନରେ ରହିଛି ଆମର ଜୀବନ ପ୍ରବାହ। ଯିଏ ନ ମାନିବ ବେଳ ଲାଗିବ ନି ପରିସ୍ଥିତି ହୋଇପାରେ ଭୟାବହ, ସତର୍କ!

*ତପୋବନ, ଟିଟିଲାଗଡ- ୭୬୭୦୩୩*
*ଭ୍ରାମ୍ୟଭାଷ : ୯୪୩୭୩୬୬୬୪*

# ରେଳ ସୁରକ୍ଷା ପ୍ରାଥମିକତା ଦାବି କରେ

**ସଞ୍ଜୀବ କୁମାର ଦାସ**

ଭାରତୀୟ ରେଳ ବିଭାଗରେ ସବୁ କିଛି ଠିକ ଚାଲିଛି ବୋଲି କହି ହେବ ନାହିଁ। କେତେବେଳେ ଗତିମାନ ରେଳ ଭିତରେ ଅଗ୍ନିକାଣ୍ଡ ତ କେତେବେଳେ ଦ୍ରୁତଗାମୀ ଟ୍ରେନ ଲାଇନଚ୍ୟୁତ ଓ ସେହି କାରଣରୁ ଭୟାବହ ଦୁର୍ଘଟଣା ଘଟି ନିରୀହ ଯାତ୍ରୀଙ୍କ ମୃତ୍ୟୁ ଓ ଆହତଙ୍କ ଦୁର୍ଘଟଣା ପରବର୍ତ୍ତୀ ଶାରୀରିକ ତଥା ମାନସିକ ଅବସ୍ଥା ସମସ୍ତଙ୍କୁ ବିଚଳିତ କରୁଛି। ଏହି କ୍ରମରେ ଓଡ଼ିଶାରେ ଘଟିଥିବା ଏବର ରେଳ ଦୁର୍ଘଟଣା ସମ୍ବନ୍ଧରେ କିଛି କହିବାର ପ୍ରୟାସ ଏହି ପ୍ରବନ୍ଧ ମାଧ୍ୟମରେ।

ନିକଟରେ ଓଡ଼ିଶାରେ ଘଟିଥିବା ଭୟାବହ ରେଳ ଦୁର୍ଘଟଣା କେବଳ ବାଲେଶ୍ୱରର ବାହାନଗା କାହିଁକି ସମଗ୍ର ରାଜ୍ୟ, ଦେଶ ତଥା ବିଦେଶର ପ୍ରତ୍ୟେକଟି ବ୍ୟକ୍ତିବିଶେଷଙ୍କୁ ମର୍ମାହତ କରିଛି। ବିଭିନ୍ନ ବର୍ଗରୁ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନାର ସୁଅ ଛୁଟୁଥିବା ବେଳେ ସ୍ୱତଃପ୍ରବୃତ୍ତ ହୋଇ ନିଜ ଜୀବନକୁ ପାଣି ଛଡେଇ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅନେକ ଜୀବନ ବଞ୍ଚାଇ ପାରିଥିବାରୁ ସେମାନେ ଭୂରି ଭୂରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସେମାନଙ୍କ ଏହି ଅକୁଣ୍ଠ ସାହାଯ୍ୟ ଓ ଲମ୍ବା ଧାଡିରେ ଠିଆ ହୋଇ ଆହତଙ୍କ ନିମିତ୍ତ ରକ୍ତଦାନ ସବୁଦିନ ମନେରଖିବେ ବାହାନଗାସୀ ଓ ଅନ୍ୟତ୍ର ଶୋକାର୍ତ୍ତ ଜନତା।

୨୦୨୩ ଜୁନ ୨ ତାରିଖର ସେହି କଳା ଶୁକ୍ରବାର ରାତ୍ରି ବାହାନଗା ବଜାର ଷ୍ଟେସନ ପାଖରେ ଦେଖିଥିଲା ଏକ ଅବିଶ୍ୱସନୀୟ ଲୋମଟାଙ୍କୁରା ଦୁର୍ଘଟଣା। ପଶ୍ଚିମବଙ୍ଗର ଶାଳିମର ଷ୍ଟେସନରୁ ଗାଡି ନମ୍ବର ୧୨୮୪୧ ସୁପରଫାଷ୍ଟ କରମଣ୍ଡଳ ଏକ୍ସପ୍ରେସ ଅପରାହ୍ଣରେ ଚେନ୍ନାଇ ଅଭିମୁଖେ ବାହାରିଥିଲା ଓ ଘଣ୍ଟାକୁ ୧୨୮ କିଲୋମିଟର ବେଗରେ ଗତି କରୁଥିବା ଟ୍ରେନଟି ବାହାନଗା ବଜାର ଷ୍ଟେସନ ନିକଟରେ ଏକ ବିଚିତ୍ର ପରିସ୍ଥିତିର ସମ୍ମୁଖୀନ ହେଲା। ସେଦିନ ସନ୍ଧ୍ୟା ପ୍ରାୟ ସାତଟା ସମୟରେ ଏହାକୁ ମୁଖ୍ୟ ଲାଇନରେ ଯିବା ପାଇଁ ସବୁଜ ସଂକେତ ଦିଆଯାଇଥିଲା, ମାତ୍ର ତତକ୍ଷଣାତ ସେହି ସଙ୍କେତକୁ ହଟାଇଦିଆଯାଇଥିଲା। ଫଳସ୍ୱରୂପ, ଟ୍ରେନଟି ଲୁପ ବା ସନ୍ନିକଟ ଲାଇନକୁ ମାଡିଯାଇ ସେଠାରେ ରହିଥିବା ଗୋଟିଏ ମାଲ ଗାଡିକୁ ଧକ୍କା ଦେଇଥିଲା। ଅଧିକ ବେଗରେ ଚାଲୁଥିବା ଏକ୍ସପ୍ରେସଟିର ଏକାଧିକ ବଗି ଲାଇନରୁ ବାହାରି ଯାଇ ନିକଟସ୍ଥ ଟ୍ରାକରେ ପଡିଯାଇଥିଲା। ବିଳମ୍ବରେ ଡାଉନ ଲାଇନରେ ଘଣ୍ଟାକୁ ୧୧୬ କି.ମି. ବେଗରେ ଚାଲୁଥିବା ୧୨୮୬୪ ଯଶବନ୍ତପୁର - ହାୱଡ଼ା ଏକ୍ସପ୍ରେସ କରମଣ୍ଡଳର ବିକ୍ଷିପ୍ତ ବଗି ଗୁଡିକୁ ଧକ୍କା ଦେବା ଫଳରେ ଏହାର କିଛି ବଗି ରେଳ ଧାରଣାରୁ ଖସି ପଡିଥିଲା। ବିକଟାଳ ଶବ୍ଦ ସହିତ ଆଖି ପିଛୁଳାକେ ସଂଘଠିତ ଏହି ତାଣ୍ଡବ ଲୀଳା ଆଖପାଖର ଲୋକଙ୍କୁ ଅବିଳମ୍ବ ସଂକେତ ଦେବାପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଦୁର୍ଘଟଣାରେ ତିନି ତିନିଟି ଟ୍ରେନ୍‌ର ଏକତ୍ରୀକରଣ ଏପରି ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଆମନ୍ତ୍ରଣ କରିଥିଲା। କେତେ କେତେ ପରିବାରର ଆତ୍ମୀୟ ସ୍ୱଜନ ଅକାଳରେ ଆଖି ବୁଜିଦେଲେ। ଏତେ ସଂଖ୍ୟାରେ ନିରୀହ ଓ ନିର୍ଦ୍ଦୋଷ ଅମୂଲ୍ୟ ଜୀବନର ଅବସାନ ରେଳ ସୁରକ୍ଷା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ। ଅବଶ୍ୟ ଘଟଣା ସ୍ଥଳରେ ପ୍ରଧାନମନ୍ତ୍ରୀ, ରେଳ ମନ୍ତ୍ରୀ, ଓଡିଶାରୁ ଦୁଇ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ତଥା ଓଡିଶା ତଥା ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ଡିଜିଙ୍କ ଠାରୁ ଆରମ୍ଭ କରି ବାଲେଶ୍ୱର ଜିଲ୍ଲାପାଳଙ୍କ ସମସ୍ତ ଅଧସ୍ତନ ଅଧିକାରୀ ଓ କର୍ମଚାରୀ, ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ରେଳ ମନ୍ତ୍ରୀ ତାଙ୍କ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଉପସ୍ଥିତ ରହି ଯଥାଶୀଘ୍ର ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ସମସ୍ତ ବ୍ୟବସ୍ଥା କରିଥିଲେ ଏବଂ ରେଳ ଚଳାଚଳ ଚାରି ପାଞ୍ଚ ଦିନ ମଧ୍ୟରେ ସ୍ୱାଭାବିକ କରାଇବାକୁ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରି ସଫଳ ହୋଇଥିଲେ। ଉଭୟ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟ ସରକାରମାନେ ମୃତାହତଙ୍କ ନିମନ୍ତେ ଅନୁକମ୍ପା ରାଶି ମଧ୍ୟ ଘୋଷଣା କରିଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏଯାବତ ମୃତ୍ୟୁସଂଖ୍ୟା ୨୮୯ରେ ପହଁଚିଥିବା ବେଳେ ବିଭିନ୍ନ ହାସପାତାଳରେ ଏକହଜାରରୁ ଉର୍ଦ୍ଧ୍ୱ ଯାତ୍ରୀ ଚିକିତ୍ସିତ ହେଉଛନ୍ତି।

ତେବେ ଅସଲ କଥା ହେଉଛି ଦୁର୍ଘଟଣା ପଛରେ ରହିଥିବା କାରଣ ଖୋଜିବାକୁ କେନ୍ଦ୍ର ସରକାର ସିବିଆଇକୁ ତଦନ୍ତ ଭାର ଦେଇଛନ୍ତି। ରେଳ ମନ୍ତ୍ରୀଙ୍କ କହିବାକଥା ହେଲା ସେ ଏହା ପଛରେ କୌଣସି ଅପରାଧିକ ଷଡଯନ୍ତ୍ର ଥିବା ସନ୍ଦେହ କରୁଛନ୍ତି। ଏଇଠି ରେଳ ସଂକେତ ବା ରେଳ ସିଗ୍ନାଲ ବ୍ୟବସ୍ଥା କଥା ଆଲୋଚନା ହେବା ଆବଶ୍ୟକ। ପ୍ରଥମତଃ, ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ ସ୍ୱନିୟନ୍ତ୍ରିତ। ଏହି ବ୍ୟବସ୍ଥା ଗତଓଗତ କରୁଥିବା ଟ୍ରେନର ଅବସ୍ଥିତିକୁ ସୁନିଶ୍ଚିତ କରିଥାଏ। ଏହା ଏତେ ଦୃଢ ଯେ କେହି କ୍ଷତି ନ ପହଞ୍ଚାଇଲେ ବ୍ୟବସ୍ଥାର ବିଫଳ ହେବ କଦାପି ସମ୍ଭବ ନୁହେଁ। ଏହି ବ୍ୟବସ୍ଥା ସହିତ ସଂଲଗ୍ନ ତାରକୁ କେହି ଜାଣିଶୁଣି କାଟିଥିଲେ ବା କୌଣସି ପରିବର୍ତ୍ତନ କରାଯାଇଥିଲେ ତାହା ସଠିକ ସଂକେତ ଦେବ ନାହିଁ। ଦ୍ୱିତୀୟରେ, ସିଗ୍ନାଲ ବ୍ୟବସ୍ଥା ସହିତ ସଂଯୁକ୍ତ ପଏଣ୍ଟ ମେସିନକୁ ମଧ୍ୟ ବଦଳାଯାଇଥିବାର ସନ୍ଦେହ ଘନୀଭୂତ ହୋଇଛି। ତୃତୀୟରେ, ଦୁଇଟି ମୁଖ୍ୟ ବିଷୟ ଉପରେ ସନ୍ଦେହ ଘନୀଭୂତ ହେଉଛି। ଶେଷ ମୁହୂର୍ତ୍ତରେ କରମଣ୍ଡଳ ଏକ୍ସପ୍ରେସ କିପରି ତା ନିର୍ଦ୍ଧାରିତ ଟ୍ରାକ ଛାଡି ଲୁପ ଲାଇନକୁ ବୁଲିଲା ଏବଂ ଲୁପ ଲାଇନରେ ପୂର୍ବରୁ ମାଲ ଗାଡ଼ିଟିଏ ଠିଆ ହୋଇଥିବା ସତ୍ତ୍ୱେ ଏହାକୁ ସେହି ଲାଇନରେ ଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଗଲା ତାହା ଏବେ ଯାଞ୍ଚର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ। କୌଣସି ଲୁପ ଲାଇନରେ ଗାଡି ଛିଡା ହୋଇଥିଲେ ଲାଲ ସଂକେତ ଦିଆଯାଇଥାଏ। ବାହାନଗା ଠାରେ ଏହାର ବ୍ୟତିକ୍ରମ ସ୍ୱରୂପ ସବୁଜ ବତୀ ଜଳୁଥିଲା ଯାହା ଏପରି ହୃଦୟ ବିଦାରକ ଘଟଣାର କାରଣ ହେଲା। ସାଧାରଣତଃ, ଲୁପ ଲାଇନର ଦୈର୍ଘ୍ୟ ୭୫୦ ମିଟର ଏବଂ ଏଠାରେ ମୁଖ୍ୟତଃ ମାଲ ଗାଡ଼ିଗୁଡ଼ିକୁ ରହିବାକୁ ଅନୁମତି ମିଳିଥାଏ। ଷ୍ଟେସନ ଦାୟିତ୍ୱରେ ଥିବା ଅଧିକାରୀ ଦ୍ରୁତଗାମୀ ରେଳ ଚଳାଚଳ କରୁଥିବା ବେଳେ ଅଧିକ ସାବଧାନତା ସହ ଟ୍ରେନର ଚଳାଚଳକୁ ସେହିଭାବେ ନିୟନ୍ତ୍ରଣ କରିଥାନ୍ତି। ଦୁର୍ଭାଗ୍ୟ ବଶତଃ ସେହିଦିନ ଏହାର ଚରମ ଅବହେଳା ପରିଲକ୍ଷିତ ହୋଇଥିଲା। ଆଉ ଏକ ଗୁରୁତର ଅଭିଯୋଗ ହେଉଛି, ଏହି ରେଳ ମାର୍ଗରେ 'କବଚ' ବ୍ୟବସ୍ଥା ନ ଥିଲା। ଏହି ବ୍ୟବସ୍ଥାଟି ହେଲା ଅଟୋମେଟିକ ଟ୍ରେନ ପ୍ରୋଟେକ୍ସନ ବା ଏଟିପି। ଦେଶରେ ଟ୍ରେନ ଚଳାଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ରିସର୍ଚ୍ଚ ଆଣ୍ଡ ଷ୍ଟାଣ୍ଡାର୍ଡସ ଅର୍ଗାନାଇଜେସନ ନେତୃତ୍ୱରେ ଏଟିପି ବିକଶିତ ହୋଇଥିଲା। କେନ୍ଦ୍ର ସରକାର ତାଙ୍କ ୨୦୨୨ ବାର୍ଷିକ ବଜେଟରେ ଆତ୍ମନିର୍ଭର ଭାରତ ଯୋଜନାରେ ରେଳ ଦୁର୍ଘଟଣାକୁ ଏଡେଇବା ଲକ୍ଷ୍ୟରେ କବଚ ବ୍ୟବସ୍ଥା ଘୋଷଣା କରିଥିଲେ। ସିଗ୍ନାଲ ପାସିଙ୍ଗ ଆଟ ଡେଞ୍ଜର (ଏସ୍‌ପିଏଡି) ଭଳି ସମସ୍ୟାକୁ ମୁକାବିଲା କରିବାକୁ ଯାଇ ଏହା ଟ୍ରେନ ଚାଳକ ବା ଲୋକୋ ପାଇଲଟଙ୍କୁ ସତର୍କ ସୂଚନା ଦେବା ସହିତ ଅତ୍ୟଧିକ କୁହୁଡି ଜନିତ ପ୍ରତିକୂଳ ପାଗରେ ରେଳ ଚଳାଚଳକୁ ସ୍ୱାଭାବିକ କରିବା ନିମିତ୍ତ ଉଦ୍ଦିଷ୍ଟ। ଏହାବାଦ, ଯଦି କେବେ ସମାନ ଟ୍ରାକରେ ଦୁଇଟି ଟ୍ରେନ ଗତି କରୁଥାନ୍ତି, କବଚ ବ୍ୟବସ୍ଥା ଟ୍ରେନର ବ୍ରେକକୁ ସ୍ୱୟଂ ଚାଳିତ ଭାବେ ନିୟନ୍ତ୍ରଣ କରି ଆସନ୍ନ ଦୁର୍ଘଟଣାରୁ ବର୍ତ୍ତ ଯାଇପାରିବ। ଏଥିପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ ହୋଇଛି। ଏହି ବ୍ୟବସ୍ଥା ଥିଲେ ହୁଏତ ଏପରି ମାର୍ମିକ ଦୁର୍ଘଟଣାରୁ ଟ୍ରେନ ଚାଳକ ଯାତ୍ରୀମାନଙ୍କୁ ବଞ୍ଚାଇ ପାରିଥାନ୍ତେ ବୋଲି ପୂର୍ବତନ ରେଳ ମନ୍ତ୍ରୀଗଣ ଏବଂ କିଛି ରେଳ ସୁରକ୍ଷା ବିଶେଷଜ୍ଞ ମତ ରଖିଛନ୍ତି। ତଦନ୍ତ ସଂସ୍ଥା ଭିନ୍ନ ଭିନ୍ନ ଦିଗରୁ ଯାଞ୍ଚ କରି ରିପୋର୍ଟ ଦେବେ, ଦୋଷୀ କର୍ମଚାରୀ ମାନଙ୍କୁ ଦଣ୍ଡ ବିଧାନ କରାଯିବ ଏବଂ ଏଭଳି ଭୁଲର ପୁନରାବୃତ୍ତି ନ ହେବାକୁ ମାର୍ଗଦର୍ଶିକା ଜାରି ହେବ। ହେଲେ ମୃତାହତଙ୍କ ପରିବାରର ଦୁଃଖ ଲାଘବ ହେବ କି? ଉଜୁଡ଼ିଥିବା ସଂସାର ଆଉ ହସି ଉଠିବ କି? ଅନୁକମ୍ପା ରାଶି ପୁଣି ଥରେ ସେହି ଆତ୍ମୀୟ ସ୍ୱଜନଙ୍କୁ ଫେରାଇ ଦେବ କି? ଉଙ୍କି ମାରୁଥିବା ଅନେକ ଅସମାହିତ ପ୍ରଶ୍ନର ଉତ୍ତର ନା ପ୍ରଶାସନ ପାଖରେ ଅଛି ନା ଅଛି ରାଜନେତାଙ୍କ ଠାରେ। ଅମୂଲ୍ୟ ଜୀବନ ବଦଳରେ ଅନୁକମ୍ପା ରାଶି ଅଥବା ପରିବାରର ସଦସ୍ୟମାନଙ୍କୁ ଥଇଥାନ ଏକ ସାମୟିକ ସମାଧାନ ।

ତେବେ ଏସବୁ ଅବ୍ୟବସ୍ଥା ମଧ୍ୟରେ ରେଳ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ପୂର୍ବରୁ ଘଟିଥିବା ରେଳ ଦୁର୍ଘଟଣାରେ ଉଚ୍ଚସ୍ତରୀୟ ଯାଞ୍ଚ ହୋଇ ମଧ୍ୟ ସେମିତି ଆଖିଦୃଶିଆ ସଫଳତା ମିଳିନାହିଁ। ଏହାର ବାସ୍ତବ କାରଣ ହେଲା ଆବଶ୍ୟକୀୟ ସୁଦୃଢ ଭିତ୍ତିଭୂମିର ଅଭାବ। ସମଗ୍ର ବିଶ୍ୱରେ ୪ର୍ଥ ବୃହତ ବିବେଚିତ ଭାରତୀୟ ରେଳର ସାରା ଭାରତ ବର୍ଷରେ ୬୮,୧୦୩ କି.ମି. ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ ରହିଛି। ସେଗୁଡିକର ସମୟ ସମୟରେ ଆବଶ୍ୟକ ପଡୁଥିବା ମରାମତି ଓ ରକ୍ଷଣା ବେକ୍ଷଣ ସୁଚାରୁରୂପେ ହେଉଥିବା ମନେ ହୁଏ ନାହିଁ। ଘରୋଇକରଣ ନାମରେ ଉପରୋକ୍ତ ଦାୟିତ୍ୱ ଅନ୍ୟ ସଂସ୍ଥାକୁ ଦେବା ଯୋଗୁଁ ଅପେକ୍ଷାକୃତ କମ ଅଭିଜ୍ଞ କର୍ମଚାରୀ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅନ୍ୟ ଭାଷାରେ ରେଳ ବିଭାଗ ଦ୍ୱାରା ତାଲିମପ୍ରାପ୍ତ କୁଶଳୀ ତକନିକି କର୍ମଚାରୀଙ୍କ ସେବାରୁ ଖୋଦ ରେଳବିଭାଗ ବଞ୍ଚିତ ହେଉଛି। ବହୁ ପୁରୁଣା ଟ୍ରାକର ମରାମତି ଏବଂ ଦରକାର ପଡିଲେ ବଦଳ କରିବାର ପ୍ରକ୍ରିୟା ଠିକ ସମୟରେ ହେଉନାହିଁ। ନୂଆ ଏବଂ ଅଧିକ ବେଗ ସମ୍ପନ୍ନ ଟ୍ରେନ ଚଲାଇଦେଲେ ଯେ ରେଳ ଯାତ୍ରାର ମାନ ଉନ୍ନତ ହେବ, ଏହି ଧାରଣା କଦାପି ଗ୍ରହଣୀୟ ନୁହେଁ। ଏବେ ଚଳାଚଳ କରୁଥିବା ସମସ୍ତ ଟ୍ରେନର ରକ୍ଷଣା ବେକ୍ଷଣ ସର୍ବୋପରି ଶୀତତାପ ନିୟନ୍ତ୍ରିତ କୋଚ ଗୁଡିକରେ ସମୟ ସମୟରେ ଘଟୁଥିବା ଅଗ୍ନିକାଣ୍ଡ ସମେତ କିଛି ବଗି ମୁଖ୍ୟ ରେଳ ଠାରୁ ହଠାତ ଅଲଗା ହୋଇଯିବା ଘଟଣା ଲୋକଲୋଚନକୁ ଆସୁଛି।

ସମୟଥିଲା, ବ୍ୟୟ ବହୁଳ ବିମାନ ଯାତ୍ରାକୁ ଅଗ୍ରାଧିକାର ନ ଦେଇ ଯାତ୍ରୀମାନେ ରେଳ ଯାତ୍ରାକୁ ପ୍ରାଥମିକତା ଦେଉଥିଲେ ଏବଂ ଏହି ଯାତ୍ରା ସମୟରେ ସେମାନେ ଭାରତ ବର୍ଷର ଭିନ୍ନ ଭିନ୍ନ ସ୍ଥାନର ଦର୍ଶନ କରିବାର ସୁଯୋଗ ପାଉଥିଲେ। ଏହି ଟ୍ରେନ ସଫର ବା ଯାତ୍ରା ଖୁବ ଉପଭୋଗ୍ୟ ଓ ଆନନ୍ଦ ଦାୟକ ହେଉଥିଲା ପରିବାରର ଅନ୍ୟ ସଦସ୍ୟଙ୍କ ସହିତ। ସେତେବେଳେ ଯେ ଦୁର୍ଘଟଣା ହେଉ ନ ଥିଲା ସେ କଥା ନୁହେଁ, ଟ୍ରେନ ସଂଖ୍ୟା କମ ଥିବାରୁ ଦୁର୍ଘଟଣା ସଂଖ୍ୟା ସୀମିତ ଥିଲା। ଆଉ ଏକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କାରପାଇପାରେ। ଅତୀତରେ ରେଳ ବଜେଟକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରି ରେଳ ମନ୍ତ୍ରୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଶେଷତଃ ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ। ଏବେ କିଛି ବର୍ଷ ଧରି ରେଳ ବଜେଟଟି କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ଦ୍ୱାରା ସାଧାରଣ ବଜେଟ ସହିତ ଉପସ୍ଥାପିତ ହୋଇ ସଂସଦରେ ପାରିତ ହେଉଛି।


ତେବେ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ସଭାପତି ମାଲିକାର୍ଜୁନ ଖଡ଼ଗେ ସିବିଆଇ ପାଖରେ ଦୁର୍ଘଟଣାର ତଦନ୍ତ କରିବାକୁ ସାଧନ ନାହିଁ ବୋଲି ମତ ଦେଇଥିବା ବେଳେ ଜନୈକ ପୂର୍ବତନ ରେଳ ମନ୍ତ୍ରୀ ଦୀନେଶ ତ୍ରିବେଦୀ ଏହି ଦୁର୍ଘଟଣା ପଛରେ ନିଖୁଣ ଷଡଯନ୍ତ୍ର ହୋଇଛି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ଅପରାଧିକ ମାମଲାର ତଦନ୍ତ କରୁଥିବା ସଂସ୍ଥା ରେଳ ଦୁର୍ଘଟଣାର ତଦନ୍ତ କରିବା ସମୀଚିନ ନୁହେଁ। ତା ଛଡ଼ା ପୂର୍ବରୁ ସିବିଆଇ ଓ ଏନଆଇଏ କରିଥିବା ତଦନ୍ତ ଫଳ ଶୂନ ପ୍ରମାଣିତ ହୋଇଛି।

ଏହିପରି ଅନେକ ତ୍ରୁଟି ବିଚ୍ୟୁତି ମଧ୍ୟରେ ଗତି କରୁଥିବା ଭାରତୀୟ ରେଳ ବିଭାଗକୁ ସମସ୍ତ ସମ୍ବେଦନଶୀଳ ବିଷୟ ଉପରେ ଅଧିକ ତର୍ଜମା କରି ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ହେବ। ତେବେ ଯାଇ ରେଳଯାତ୍ରା ସୁଗମ ହେବ। ସଙ୍ଗେ ସଙ୍ଗେ ଯାତ୍ରୀମାନଙ୍କ ଭିତରେ ଘୁରି ବୁଲୁଥିବା ଭୟର ଅହେତୁକ ଛାୟା ଦୂରେଇ ଯିବ। ସମୟର ଆହ୍ୱାନ : ରେଳ ବିଭାଗ ସହିତ ଜଡିତ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ ନିଜ ନିଜର କର୍ତ୍ତବ୍ୟ କରନ୍ତୁ।

*କଟକ - ୭୫୩୦୧୪*
*ଦୂରଭାଷ : ୬୩୭୦୬୧୯୦୦୫*

# "ଟ୍ରେନ୍ ଟୁ କୋରାପୁଟ" : ଏକ ବିଶ୍ଳେଷଣ

**ଇପ୍ସିତା ଷଡଙ୍ଗୀ**




"ଟ୍ରେନ୍ ଟୁ କୋରାପୁଟ" ବଙ୍ଗଳା ଭାଷାରେ ଲିଖିତ ଏକ ଭ୍ରମଣ ପୁସ୍ତକ। ଲେଖକ, ବାଙ୍ଗ୍ଲାଦେଶୀ ଲୋକପ୍ରିୟ ଶିଶୁ ସାହିତ୍ୟିକ ଶ୍ରୀ ହୁମାୟୁନ୍ କବିର ଢ଼ାଲୀ। ପ୍ରକାଶ କାଳ ଦୁଇ ହଜାର ବାଇଶି ମସିହା, ପ୍ରକାଶକ ଅନନ୍ୟା, ଢ଼ାକା, ଏବଂ ମୂଲ୍ୟ ତିନିଶହ ଟଙ୍କା, ମୋଟ ଦୁଇଶହ ଅଠାଅଶୀ ପୃଷ୍ଠାର ଏହି ପୁସ୍ତକଟିକୁ ଲେଖକ ଓଡ଼ିଶାର ସୁନାମଧନ୍ୟ କଥାଶିଳ୍ପୀ ସରୋଜିନୀ ସାହୁ, କବି ଓ ଅନୁବାଦ ଅଜିତ ପାତ୍ର ଏବଂ "ଲେଖାଲେଖି" ପ୍ରକାଶନର ପ୍ରକାଶନ ଓ ସଂଗଠକ ଶ୍ରୀ ପ୍ରଦୀପ୍ତ କୁମାର ବେହୁରାଙ୍କୁ ଉତ୍ସର୍ଗ କରିଛନ୍ତି। ପୁସ୍ତକ ନାମ ଯଦିଓ "ଟ୍ରେନ୍ ଟୁ କୋରାପୁଟ", କିନ୍ତୁ ଏଥିରେ ଲେଖକ ଭିନ୍ନ ଭିନ୍ନ ସମୟରେ ଓଡ଼ିଶା ଭ୍ରମଣରେ ଆସିଥିବା ତାଙ୍କ ଅନୁଭବ ଓ ଅନୁଭୂତିକୁ ଓଡ଼ିଶାର ଐତିହାସିକ-ଭୌଗଳିକ ଓ ରାଜନୈତିକ ବୈଶିଷ୍ଟ୍ୟକୁ ଆଧାର କରି ଲେଖିଛନ୍ତି। ତାଙ୍କ ଲିଖନ ଶୈଳୀର ବିଶିଷ୍ଟତା ଏହି ଯେ, କୋରାପୁଟ, ମୟୂରଭଞ୍ଜ, ଶିମିଳିପାଳ, ଉଦୟଗିରି, ଖଣ୍ଡଗିରି ଆଦି ଅଞ୍ଚଳରେ ଭୌଗଳିକ ଏବଂ ଐତିହାସିକ ପୃଷ୍ଠଭୂମିକୁ ଆଧାର କରି ତାଙ୍କ ଅନୁଭବକୁ ଲେଖୁଥିଲେ ହେଁ, ଏହା ତଥ୍ୟରେ ଭାରାକ୍ରାନ୍ତ ନୁହେଁ। ଲେଖକଙ୍କ ଲେଖିବାର ସ୍ରୋତର ସାବଲୀଳତା ପାଠକକୁ ନିଜ ସହ ଭ୍ରମଣରେ ନେଇ ଚାଲିଥାଏ ଯେମିତି। ସେ ଅଞ୍ଚଳର ଭୌଗଳିକ ସ୍ଥିତିକୁ ଲେଖକ ଢ଼ାଲୀ ଏପରି ଢଙ୍ଗରେ ପରିବେଷଣ କରିଥା'ନ୍ତି-ଲାଗେ ଏ ଅଞ୍ଚଳକୁ ଯେମିତି ନୂଆକରି ସାମ୍ନା କରୁଛି ପାଠକ। ନିଜ ବର୍ଣ୍ଣନା ମାଧ୍ୟମରେ ସେ କେବଳ ସେ ଅଞ୍ଚଳର ଚିତ୍ର ପ୍ରଦାନ କରନ୍ତି ନାହିଁ, ନିଜ ଅନୁଭୂତିକୁ ଏଠାରେ ଜୀବନ୍ତ ଭାବରେ ତୋଳି ଧରି, ନିଜ ତଲ୍ଲୀନତା ଏବଂ ଭାବମୟ ଅବସ୍ଥା କଥା ବର୍ଣ୍ଣନା କରୁଥା'ନ୍ତି। ହୁମାୟୁନ କବୀର ଢାଲି, କୋରାପୁଟରେ ଅନୁଷ୍ଠିତ "ଲେଖାଲେଖି" ପ୍ରକାଶନ ସଂସ୍ଥାର ଲିଟ୍‌ଫେଷ୍ଟରେ ଅତିଥି ଥିଲେ। ଏବଂ ଏଥିସହିତ ତାଙ୍କର ଦୁଇଟି ବହିର ଓଡ଼ିଆ ଅନୁବାଦ ପୁସ୍ତକ ସେଠାରେ ଉନ୍ମୋଚିତ ହେବାର ଥିଲା। ଲେଖକ, ସ୍ୱକ୍ଷୋକ୍ତି ବାଢ଼ନ୍ତି ଯେ, ସେ କୋରାପୁଟକୁ ଯିବା ପୂର୍ବରୁ ଯଦିଓ ଦୁଇ ଦୁଇଥର ଓଡ଼ିଶା ଆସିଛନ୍ତି, ସାହିତ୍ୟ କାର୍ଯ୍ୟକ୍ରମରେ, କିନ୍ତୁ ଓଡ଼ିଶାକୁ ସ୍ୱାଧୀନ ଭାବରେ ବୁଲି ଦେଖିବାର ସୁଯୋଗ ପାଇପାରିନଥିଲେ ସମୟ ସ୍ୱଳ୍ପତା କାରଣରୁ, ତେବେ ଲେଖକ କୁହନ୍ତି "ବିଭିନ୍ନ କାରଣରୁ ବାଲାଂଦେଶର ଓଡ଼ିଶା ସହ ଗଭୀର ସମ୍ପର୍କ ରହିଛି। ଆମେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଏବଂ ସାମାଜିକ ଆଦର୍ଶ ସହିତ ପରିଚିତ। ଅନେକ କ୍ଷେତ୍ରରେ ଏହା ଆମ ସହିତ ମେଳ ହୁଏ। ଏହାବ୍ୟତୀତ ଥରେ ଏହି ଅଞ୍ଚଳର ରାଜନୀତି ସମାନ ଥିଲା।" ଲେଖକଙ୍କ ମତରେ ୧୯୪୭ ମସିହାରେ ଦେଶ ବିଭାଜନ ପରେ ବଙ୍ଗଳା ବୋଲି ଉଲ୍ଲେଖ କରାଯାଇଥିବା ଅଞ୍ଚଳକୁ ତିନୋଟି ଅଞ୍ଚଳରେ ବିଭକ୍ତ କରାଯାଇ ଭାରତର ପଶ୍ଚିମବଙ୍ଗ, ବାଂଲାଦେଶ ଏବଂ ବିହାର ଏବଂ ଓଡ଼ିଶା ମିଶିକରି ଏକ ଅଞ୍ଚଳ-ଏଇପରି ଭାବରେ ଅଲଗା ହୋଇଗଲା। ବାଂଲାଦେଶର ଲୋକମାନେ ବିହାର ଏବଂ ଓଡ଼ିଶା ବିଷୟରେ ଜାଣିବାକୁ ଆଗ୍ରହୀ ଅଟନ୍ତି। ଏହି ଅନୁକ୍ରମରେ ଏ ପୁସ୍ତକରେ, କେବଳ ଭ୍ରମଣ ବୃତ୍ତାନ୍ତ ନୁହେଁ, ଢ଼ାଲୀ ପରିଭ୍ରମଣ କରିଥିବା ପ୍ରତ୍ୟେକ ଜାଗାର ଐତିହାସିକ, ଭୌଗଳିକ, ସାଂସ୍କୃତିକ ତଥା ବ୍ୟକ୍ତିଗତ ଅନୁଭବ ଦୃଷ୍ଟିକୋଣରୁ ବର୍ଣ୍ଣନା ଅଛି। ଲେଖକ ଏଠାରେ ତାଙ୍କର ବନ୍ଧୁ, ଓଡ଼ିଶାର କବି, ଅନୁବାଦକ ଶ୍ରୀ ଅଜିତ୍ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ତଥା ଯେଉଁ ଯେଉଁ ଭ୍ରମଣରେ ସେ ତାଙ୍କ ସାଙ୍ଗରେ ଅଛନ୍ତି, ନିଜ ବନ୍ଧୁତ୍ୱର ଉତ୍ତୁଙ୍ଗ ପ୍ରଶଂସା କରିଛନ୍ତି। ଟ୍ରେନ୍‌ରେ ହେଉ ଅବା ହେଉ କୌଣସି ଭ୍ରମଣ ସ୍ଥଳୀ ବନ୍ଧୁ ଅଜିତ ପାତ୍ରଙ୍କ ସାହଚର୍ଯ୍ୟ ତାଙ୍କୁ ଖୁବ୍ ସାହାଯ୍ୟ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି।





ପୁସ୍ତକଟି ତେରୋଟି ଅଧ୍ୟାୟରେ ବିଭକ୍ତ। ପ୍ରଥମ ଅଧ୍ୟାୟରେ ଲେଖକ ଶ୍ରୀ ଢ଼ାଲୀଙ୍କ ପ୍ରଥମ ଭରତ ଗ୍ରସ୍ତର ବିବରଣୀ - କଲିକତାରେ ବାଲାଂଦେଶର ବହିମେଳା, "ଦ୍ୱିତୀୟ ଅଧ୍ୟାୟ - "ବାରିପଦାର ଉଦ୍ଦ୍ୟେଶେ", ତୃତୟ ଅଧ୍ୟାୟ - "ମୟୂରଭଞ୍ଜ", ଚତୁର୍ଥ - "ଶିମିଳିପାଳ ଜାତୀୟ ଉଦ୍ୟାନ", ପଞ୍ଚମ - "ଭୋରର ହ୍ୱିସିଲ୍", ଷଷ୍ଠ ଅଧ୍ୟାୟ - "ଭୁବନ ଭୋଲାନୋ ଭୁବନେଶ୍ୱର", ପରେ ପରେ, "ଓଡ଼ିଶାକୁ ପ୍ରଥମ ଯାତ୍ରା", "କୋଣାର୍କ ସୂର୍ଯ୍ୟ ମନ୍ଦିର", "ଚନ୍ଦ୍ରଭାଗା ବିଚ୍", "ପୁରୀ", "ଉଦୟଗିରି ଏବଂ ଖଣ୍ଡଗିରି", "କୋରାପୁଟ୍‌କୁ ଟ୍ରେନ୍" ଏବଂ ଶେଷ ଅଧ୍ୟାୟ "ଖୋଲା ପ୍ରକୃତିର କୋରାପୁଟ"।





ପ୍ରତ୍ୟେକ ଅଧ୍ୟାୟ ଲେଖକଙ୍କ ଭ୍ରମଣ ବୃତ୍ତାନ୍ତ ସହ ସେ ଜାଗାରା ଭୌଗଳିକ ପରିବେଶ, ଦର୍ଶନୀୟ ସ୍ଥାନ, ସେ ଅଞ୍ଚଳର ବୈଶିଷ୍ଟ୍ୟ, ଖାଦ୍ୟ, ପାନୀୟ ସହିତ ସଂସ୍କୃତି ଏବଂ ପରମ୍ପରାର ବର୍ଣ୍ଣନା ସହ ନିଜ ସଂସ୍କୃତି ଓ ପରମ୍ପରା ସହ ତୁଳନା, ଯେମିତି ରୋମାଞ୍ଚ ପ୍ରଦାନ କରେ ସେତିକି ତଥ୍ୟ ପ୍ରଦାନ କରୁଥାଏ।

ପୁସ୍ତକଟିକୁ ଆମୂଳଚୂଳ ପଢ଼ିଲା ପରେ ଜଣେ ପଡୋଶୀ ଦେଶର କଳାର ପୂଜାରୀ ଆଖିରେ ନିଜ ରାଜ୍ୟର ବିଭିନ୍ନ ଅଞ୍ଚଳର, ବିଭିନ୍ନ ଲୋକମାନଙ୍କ ସହ ମିଶିଥିବାର ଅନୁଭବକୁ ଅନୁଭବ କରିପାରେ ପାଠକ। କୋରାପୁଟ୍ ଲିଟ୍ ଫେଷ୍ଟରେ 'ସାହିତ୍ୟିକ ଦମ୍ପତ୍ତି ହରେକୃଷ୍ଣ ଦାସ ଏବଂ ଇପ୍ସିତା ଷଡଙ୍ଗୀ ଜଣେ ଜଣେ ସଦସ୍ୟ ଥିଲେ। ତାଙ୍କ ଝିଅ ଅଦିତି ଦାସ ମଧ୍ୟ ଐ ସର୍ବକନିଷ୍ଠ ସଦସ୍ୟ ଥିଲେ। ଲେଖକ ଢାଲୀ ମୁଖ୍ୟତଃ ଜଣେ ଶିଶୁ ଲେଖକ, କୁନି ଅଦିତ ସହ ତାଙ୍କ କଥୋପକଥନ ଓ ଅନୁଭବକୁ ପାଇବେ ଏ ପୁସ୍ତକରେ। ଗାଳ୍ପିକ ଜଗଦୀଶ ମହାନ୍ତି ଏବଂ ଗାଳ୍ପିକା ସରୋଜିନୀ ସାହୁଙ୍କ ସହ ନିଜ ବନ୍ଧୁତ୍ୱ ସମ୍ପର୍କରେ ପ୍ରଗ୍‌ଳଭ ହୋଇଛନ୍ତି ଲେଖକ, ପ୍ରକାଶକ, ସମ୍ପାଦକ, ସଂଗଠନ ପ୍ରଦୀପ୍ତ କୁମାର ବେହୁରାଙ୍କ ସାଂଗଠନିକ ଦକ୍ଷତା ଓ ଆତିଥେୟତା କଥା ବର୍ଣ୍ଣନା କରିଛନ୍ତି ଶ୍ରୀ ଢାଲୀ। ସର୍ବୋପରି ଢାଲୀଙ୍କ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ବର୍ଣ୍ଣନାରେ ନାଟକୀୟତା ଏବଂ ତତ୍ତ୍ୱ, ପୁସ୍ତକକୁ ଜୀବନ୍ତ କରୁଛି। ଜୀବନ୍ତ କରୁଛି ବହି ଶେଷରେ ଦିଆଯାଇଛି କଳା-ଧଳା ଓ ରଙ୍ଗୀନ ଫଟୋଚିତ୍ର ତାଙ୍କ ଭ୍ରମଣ ସମୟର। ପୁସ୍ତକଟି ସବୁ ବର୍ଗର ପାଠକମାନଙ୍କୁ ନିଶ୍ଚୟ ଆନନ୍ଦ ଦେବା।

*ରଙ୍ଗବଜାର, ଭୁବନେଶ୍ୱର*

# ପାହାଡର ଲୁହ

**ଦୁଷ୍ମନ୍ତ ବେହେରା**



ଝିଅ- ମୁନି
ବାପା - ଝରିଆ କୁଡ଼
ଜେଜେମା- ପୋଇ କୁଡ଼
ଗାଁ ମୁଖିଆ - ଦୁଡ଼ ମାଝି
ଗାଁର ନାମ - ଗଡ଼ ପଶି

ଗ୍ରାମଟିର ନାମ ଗଡ଼ପଶି। ଗଡ଼ପଶି ଗ୍ରାମରେ ଦୁଇଶହରୁ ଦୁଇଶହ ପଚାଶ ପରିବାର ରହିଛି। ଆଦିବାସୀ ପାହାଡିଆ ଅଞ୍ଚଳ। ପାହାଡ ଦୁର୍ଗମ ଅଞ୍ଚଳରେ କେହି ବି ପାଠପଢି ନାହାନ୍ତି। ସେହି ଗ୍ରାମର ଲୋକମାନେ ପାଠ ବୋଲି କ'ଣ ଜାଣନ୍ତି ନାହିଁ। ସେହି ଗ୍ରାମରେ ଝରିଆ କୁଡ଼ର ପରିବାର ବାସ କରନ୍ତି। ଝରିଆ କୁଡ଼ର ଝିଅ ହେଉଛି ମୁନି। ଗଡ଼ପଶି ଜଙ୍ଗଲକୁ ମୁନି ସବୁଦିନ ଛେଳି ଚରାଇବାକୁ ଯାଏ। ଜଙ୍ଗଲ, ପାହାଡ଼, ବୃକ୍ଷ, ଜୀବଜନ୍ତୁ ଓ ପକ୍ଷୀମାନେ ମୁନିର ବାଟ ଚାହିଁ ବସନ୍ତି।

ସବୁଦିନ ପରି ମୁନି ଜଙ୍ଗଲରେ ପହଞ୍ଚିଲା ବେଳେ କହେ, 'ପାହାଡ଼ ବନ୍ଧୁ ମୁଁ ଆସିଗଲି, ଗଛ ବନ୍ଧୁ ମୁଁ ଆସିଗଲି, ଜୀବଜନ୍ତୁ ବନ୍ଧୁ ମୁଁ ଆସିଗଲି। 'ମୁନିର ସୁମଧୁର ସ୍ୱର ପାହାଡ଼ରେ ଗୁଞ୍ଜରିତ ହେଲା। ପାହାଡର ଗୋଟିଏ ବଡ଼ ପଥର ଉପରେ ବସି କେତେ କ'ଣ ତା ଜୀବନର ଦୁଃଖସୁଖ କହିଯାଏ। ଏମିତି ଏକ ଭଲ ପାଇବାରେ ମୁନି ଏବଂ ପାହାଡର ବନ୍ଧୁତା ସୃଷ୍ଟି ହୁଏ।


ମୁନିର ବାପା ରୋଜଗାର ଆଶାରେ ସହରକୁ ଯାଆନ୍ତି। ସେଠାରେ ପହଞ୍ଚି କାମରେ ଲାଗିଯାଆନ୍ତି। ଦିନେ ଦୁଇଦିନ ଗଲାପରେ ସେ ଦେଖିଲେ ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି। ମୁନିର ବାପା ଝରିଆ କୁଡ଼ ଗାଁକୁ ଆସି ମୁନିକୁ କହିଲେ, 'ତୁ ପାଠ ପଢ଼ିବୁ।'

ମୁନି ଏହି କଥା ଶୁଣି ନାଚିବାକୁ ଲାଗିଲା। ନାଚ ସାରି କହିଲା, 'ବା ଲୋ ପାଠ କଣ ଲୋ।' ଗାଁରେ ଦୌଡି ଦୌଡି ସବୁ ଲୋକଙ୍କୁ କହିଲା, 'ମୁଁ ପାଠ ପଢ଼ିବିରେ, ମୁଁ ପାଠ ପଢିବିରେ।' ଗାଁର ଲୋକମାନେ ମୁନିର କଥା ଶୁଣି ପଚାରିଲେ, 'ପାଠ କଣ ଲୋ। ମୋ ବା କହିଲା, ସହରକୁ ଯାଇ ପାଠ ପଢିବି।

ମୁନି ସହରକୁ ଗଲା। ଦୁଇ ଦିନ ପରେ ବିଦ୍ୟାଳୟରେ ତାର ନାମ ଲେଖା ହେଲା। ଯେଉଁଦିନ ବିଦ୍ୟାଳୟରେ ମୁନିର ନାମ ଲେଖା ହେଲା, ସେହିଦିନ ମୁନିର ଜେଜେମା ପୋଇ କୁଡ଼ ଆଉ ପାରିକୁ ଚାଲିଗଲେ। ଗଡ଼ପଶି ଗାଁର ଲୋକମାନେ ମୁନିର ପାଠ ପଢିବା ଶୁଣି କହିଲେ, 'ପାଠ କଣ ଲୋ, ପାଠ ପଢିଲେ କଣ ଲୋକ ମରିଯାଆନ୍ତି।

ମୁନି ପନ୍ଦର ଦିନ ପାଠ ପଢ଼ି ପୁଣି ଗାଁ କୁ ଫେରିଆସିଲା ଦେଖିଲା ଯେ ତାର ଜେଜେମା ଆଉ ଏହି ଦୁନିଆରେ ନାହାଁନ୍ତି। ସେ ବହୁତ କାନ୍ଦିଲା। ଲୋକମାନେ ମୁନିକୁ କହିଲେ, 'ଦେଖ ଲୋ ଇଏ ପାଠ ପଢ଼ିବାକୁ ଗଲା ଯେ ତାର ଜେଜେମା' କୁ ମରଣ ମୁହଁକୁ ଠେଲିଦେଲା। ଏହି କଥା ଶୁଣି ମୁନି ମନରେ ବହୁତ କଷ୍ଟ ହେଲା। ସେ ଆଉ ସହରକୁ ପାଠ ପଢ଼ିବାକୁ ଗଲା ନାହିଁ।

ସହରରୁ ବଡ଼ ବଡ଼ ବାବୁମାନେ ମୁନିର ଗାଁରେ ପହଞ୍ଚିଲେ। ଗାଁ ଦାଣ୍ଡରେ ଗାଡ଼ି ଯାଉଥିବାରୁ ଦେଖି ଗାଁର ପିଲାମାନେ ଗାଡ଼ି ପଛରେ ଦୌଡ଼ିବାକୁ ଲାଗିଲେ। ବାବୁମାନେ ମୁନିର ଘରେ ପହଞ୍ଚିଲେ। ମୁନି ବାବୁମାନଙ୍କୁ ଦେଖି ଜୁହାର କଲା।



ବାବୁମାନେ ମୁନିକୁ ପଚାରିଲେ, 'ତୁମେ କାହିଁକି ପାଠ ପଢ଼ିଲ ନାହିଁ। ଗାଁକୁ ଚାଲିଆସିଲ। ମୁନି କହିଲା, 'ଗାଁ ମୋତେ ଭାରି ଭଲ ଲାଗେ। ଗାଁର ସାଙ୍ଗସାଥୀ, ପାହାଡ, ଜଙ୍ଗଲ ଓ ଝରଣା ମତେ ବହୁତ ଭଲ ଲାଗେ।

ଏମିତିକି ଜଙ୍ଗଲର ପଶୁପକ୍ଷୀ ମଧ୍ୟ ମୋତେ ବହୁତ ଭଲ ଲାଗନ୍ତି। କାହିଁ ମୋର ସାଙ୍ଗମାନେ ପାଠ ପଢ଼ନ୍ତି ନାହିଁ ତ।

ବାବୁମାନେ ସ୍ଥିର କଲେ ଗଡ଼ପଶି ଗାଁରେ ବିଦ୍ୟାଳୟଟିଏ ତିଆରି କରିବା ପାଇଁ। ଗାଁର ମୁଖିଆ ଦୁଡ଼ ମାଝୀ ଗାଁର ଲୋକମାନଙ୍କୁ ଡାକିଲେ। ଗାଁରେ ଗୋଟିଏ ସଭା ଅନୁଷ୍ଠିତ ହେଲା। ସଭାରେ ବାବୁମାନେ କହିଲେ , 'ତୁମ ଗ୍ରାମରେ ଗୋଟିଏ ବିଦ୍ୟାଳୟ ହେବ। ଗାଁର ଲୋକମାନେ ବିଦ୍ୟାଳୟ କଥା ଶୁଣି କହିଲେ, 'ବିଦ୍ୟାଳୟ କଣ ଲୋ। ପବାବୁମାନେ କହିଲେ, 'ବିଦ୍ୟାଳୟରେ।

ପାଠ ପଢିବେ, ଶିକ୍ଷା ପାଇବେ। ଗଡ଼ପଶିର ଲୋକ ଏହା ଶୁଣି କହିଲେ, 'ତୁମ ପିଲାମାନେ ମଣିଷ ହେବେ। ସେମାନେ ପାଠ ପଢି ଶିକ୍ଷିତ ହେବେ। ଶେଷରେ ଗାଁ ମୁଖିଆ ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା ହେଉ ବୋଲି ସ୍ଥିର କଲେ। ବାବୁମାନେ ଗଡ଼ପଶି ଜଙ୍ଗଲର ପାହାଡ଼ ଉପରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ଠିକ କଲେ ଓ ମାପଚୁପ କରିନେଲେ। ଚାହୁଁ ଚାହୁଁ ଗଛ ସବୁ କଟା ହେଲା। ପକ୍ଷୀମାନେ ବାସହରା ହେଲେ। ଜୀବଜନ୍ତୁମାନେ ଏଣେତେଣେ ଧାଇଁବାକୁ ଲାଗିଲେ। ବଡ଼ ବଡ଼ ଡ୍ରୋଜର ଗାଡ଼ି ପହଞ୍ଚିଲା। ପାହାଡ ଖୋଳା ହେଲା। ପାହାଡ଼ରୁ ପଥର ବାହାର କରାଗଲା। ଚାହୁଁ ଚାହୁଁ ଜଙ୍ଗଲ, ପାହାଡ ଧ୍ୱଂସ ହୋଇଗଲା। ତା' ଉପରେ ବିଦ୍ୟାଳୟ ଗଢ଼ା ହେଲା।

ମୁନି ପାହଡ଼କୁ ଛେଳି ଚରାଇବାକୁ ଗଲା। ଦେଖିଲା ଗଛ ନାହିଁ, ପଶୁ, ପକ୍ଷୀ କେହି ନାହାନ୍ତି। ପାହଡ଼କୁ କହିଲା, 'ପାହାଡ ବନ୍ଧୁ ତୁମର ଇଏ କି ଦଶା। ମୋ ବନ୍ଧୁ, ମୋ ବନ୍ଧୁ! ମୋ ପଥର କାହିଁ। ମୋ ପଥର କାହିଁ କହି ମୁନିର ଆଖିରୁ ଲୁହ ଧାର ଧାର ବୋହିଗଲା। ମୁନିର ମନ କଥା ଶୁଣି ପାହାଡର ଲୁହ ବୋହିବାରେ ଲାଗିଲା। ପାହାଡ କାଳ କାଳ ହୋଇ କହିଲା, 'ଏଇ ଯେଉଁ ବଡ଼ ଶିକ୍ଷିତ ବାବୁମାନେ ମୋର ଏହି ଅବସ୍ଥା କରିଛନ୍ତି। ମୁଁ ଅସୁନ୍ଦର ହୋଇଗଲି। କେହି ମୋତେ ଆଡ଼ ଆଖିରେ ଚାହିଁଲେ ନାହିଁ। ମୋର ଉପହାସ କରିବାକୁ ଲାଗିଲେ।

ମୁନି ଆଖି ଛଳ ଛଳ କରି ଘରକୁ ଆସିଲା। ଘରେ ଆସି ଦେଖିଲା ତାର ବାପା ଦେହ ଖରାପ ଥିବାରୁ ସହରରୁ ଘରକୁ ଫେରି ଆସିଛନ୍ତି। ମୁନିକୁ କହିଲେ 'ଆରେ! ବିଦ୍ୟାଳୟ ତ ହେଇଗଲା, ତୋର ନାମ ଲେଖି ଦେବା। ମୁନିର ବିଦ୍ୟାଳୟରେ ନାମ ଲେଖା ହୋଇଗଲା।

ମୁନି ବିଦ୍ୟାଳୟକୁ ଗଲା। କିନ୍ତୁ ଶ୍ରେଣୀ ଗୃହରେ ବସି କାନ୍ଦିବାକୁ ଲାଗିଲା। ସାର ଆସି ପଚାରିଲେ, 'ମୁନି ତୋର କଣ ହୋଇଛି କିରେ! ମୁନି କହିଲା, 'ସାର ପାହଡ଼ର ଲୁହ ଝରୁଛି। ସାର ପଚାରିଲେ, କାହିଁକି ? ମୁନି କହିଲା ଆମର ଜୀବନ ଜୀବିକା, ଜଙ୍ଗଲ ପାହଡରୁ କିଛି କିଛି ଫଳ, ଫୁଲ, ଆବଶ୍ୟକ ଜିନିଷ ସଂଗ୍ରହ କରୁଥିଲୁ। ସେଠାରେ କେହି ନାହାନ୍ତି। ଆମେ କଣ ଖାଇବୁ ସାର। ଆମ ପାହଡ଼ର ଭଲପାଇବା କିଏ ଆମକୁ ଫେରାଇଦେବ ସାର। ଖାଇଲେ ସିନା ପାଠ ପଢିବୁ। ପାଠରେ କେମିତି ମନ ଲାଗିବ ଯେ ସାର।

ମୁନି କାନ୍ଦି କାନ୍ଦି ଘରକୁ ଆସି ଦେଖିଲା ତା' ବାପା ମରି ପଡିଛି। ଗାଁର ଲୋକମାନେ ମୁନିକୁ ଦେଖି କହିଲେ, 'ପାଠ ଗୋଟିଏ ତୋ ପାଇଁ ଅଭିଶାପ। ସହରକୁ ପଢିବା ପାଇଁ ଗଲୁ ତୋ ଜେଜେମା ଚାଲିଗଲେ। ଗାଁ ବିଦ୍ୟାଳୟରେ ପଢ଼ିବାକୁ ଗଲୁ ତୋ ବାପା ମରିଗଲେ। ଏହି କଥା ଶୁଣି ମୁନି ଭାବିଲା ସତରେ ପାଠ କଣ ତା' ପାଇଁ ଅଭିଶାପ। ସେହି ସମୟରେ ସାର ଆସି ପହଞ୍ଚିଲେ ଓ କହିଲେ, 'ପାଠ ଗୋଟିଏ ଅଭଶାପ ନୁହେଁ। ପାଠ ମଣିଷର ଜୀବନକୁ ସୁଧାରି ଥାଏ। ପାଠ ଆମକୁ ଆଲୋକ ଦେଖାଇଥାଏ। ପାଠ ଜୀବନ ଜୀବିକାର ମାର୍ଗ ଦେଖାଇଥାଏ। ଏଥିରେ ମୁନିର କଣ ଦୋଷ! ସେ ତ ନିରୀହ ଝିଅଟିଏ! ସେ ବା କ'ଣ କରିପାରିବ।

(ଶେଷ)

*ରାସୋଳ, ମୁଣ୍ଡିଆ ପଷି*
*ପିନ୍ କୋଡ ନଂ- ୭୫୯୦୨୧*

# ପାଟଛତି

**ପିନାକୀ ମିଶ୍ର**



ତୁମେ କେଡେବଡଲୋକ,
କାହିଁକି ଆସିବ ଉପାସିଆ ଗାଆଁକୁ।
ଭରଷା କରିବିନି କେମିତି ଯେ'!
କ'ଣ କମ ଦେଇଛି କି ମୋତେ ଆକାଶ!
ବାପ ପରି ଚିରଉଦାର

ଥାଉ ଲକ୍ଷେ ଯୋଜନରେ
ଥାଉ ନୀରବ ମୁଦ୍ରାରେ,
ଦୁଃଖନାହିଁ,
ଆକାଶ ତ ଆଧାର
ମୋର, ମାଟିର
ଦିଆଦେଇ ବାହାର ସୁଖରେ ବି
ଆକାଶର ଅଛି ସ୍ନିଗ୍ଧଆଡମ୍ବର।

ତୁମେ ମାଟିରେ ସବୁସୁଖ କରୁଛ ହୋ ଜଗନ୍ନାଥେ
ମାଟିଉପରେ ରତ୍ନବେଦୀ
ବାଇଶିପାହାଚ ତଳକୁ ଡଗଡଗ ଧାଇଁ
ଧୂଳିଦାଣ୍ଡରେ ଘଡଘଡ ଚକ
କନକବେଦୀରେ ଥାଟବଇଠି
କେତେ ଡାକ, କେତେ ନାଚ
ଉଛୁଳେ ସାଆନ୍ତିଆ ସୁଖ
ତୁମକୁ କୁଆଡୁ ଦିଶିବ ଘାସସଂଧିର ଲୁହ!
ଶୁଣିପାରୁ ନଥିବ ଖାଂକରପେଟର କୁହାଟ
ଚକଡା ଖସିଥିବା କାନ୍ଥରୁ
ବାରିହୁଅନ୍ତାନି କୋହ!!

ଜରି ଚୁମୁକି ଲଗା ପାଟଛତି
ତୁମ ମଥାଣରେ ରାଜଥାଟ,
ଖରା, ଧୂଳି କିଛି ବି ପଡିବନି ଯେମିତି,
ବସିଲେ, ଉଠିଲେ, ଚାଲିଲେ, ଥକିପଡିଲେ
ତୟାର୍ ପାଟଛତି ସଜ
ଏତେ ଯତନରେ ଥାଇବି
ତୁମେ ଏତେ କଳା ଯେ' ?
ଆକାଶ ଆତୁର
ପକ୍ଷୀ ବିକଳ
ତାରାନକ୍ଷତ୍ର ସବୁ ଅଧୀର,
ପବନ ପ୍ରଜାପତି ସବୁ ଫଡଫଡ
ଟିକେ ଦେଖନ୍ତେ ତୁମକୁ , ଆଖିପୁରେଇ।

ପାଟଛତି ରଜାକୁ ସୁହାଏ
ମୋତେ ତ ଆକାଶ ବେଢେଇଥାଏ,
ପଥର ଉପରେ ବସି ତ
ପଥୁରିଆ ଦିଶିଲଣି ହେ ଜଗନ୍ନାଥେ,
ମୋ ମାଟିଗଢା ଫୁଙ୍ଗୁଳାଦେହକୁ
ଆକାଶ ପା ଆଜନ୍ମ ଆଶୀର୍ବାଦ।

*'ଶୂନ୍ୟନୀଳ',*
*ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ବାପା

**ସୁନନ୍ଦା ଦିକ୍ଷୀତ୍**



ଦେବଦାରୁଗଛ ଭଳି
ଡେଙ୍ଗାସରସର ଲୋକଟିଏ
ଖୁବ୍ କଠୋର ଅନୁଶାସନରେ
ବଢାଇଛନ୍ତି ତାଙ୍କ ପିଲାମାନଙ୍କୁ.....
ସ୍ନେହ ଓ ମମତା କଣ କେବେ ଆମେ
ଦେଖିନୁ ପ୍ରତ୍ୟକ୍ଷରେ.....।

ଖୁବ୍ ରାଗି ମିଜାଜର
ପାନରୁ ଚୂନ ଖସିଲେ
ରାଗି ଖଡ୍ଗହସ୍ତ ହୋଇଯାନ୍ତି
ଖୁବ୍ କମ ସମୟରେ.....।

ଚାରିଚାରିଟା ପିଲାର ବାପା ସେ
ତାଙ୍କ ପିଲାମାନେ ସବୁ ଏବେ
ପିଲାଛୁଆର ବାପା ଓ ମାଆ ହେଲେଣି
ମାତ୍ର ଏବେବି କାହାର ସତସାହାସ ନାହିଁ
ତାଙ୍କ ମୁହଁ ଉପରେ
କଥା କହିବାକୁ କାଳେ......।

ସେ ବାପା.....!
କେବେକେବେ କାହାକୁ କହିବାର ଶୁଣିଛୁ ଆମେ
ସେ କୁଆଡେ ନଡିଆଟେ ଭଳି
ଉପରକୁ ଟାଣ ହେଲେ ମଧ୍ୟ
ଭିତରଟା ଶୀତଳ ଥଣ୍ଡା ପାଣି ପରି......।

*ବରମୁଣ୍ଡା, ଭୁବନେଶ୍ୱର*

# ଗ୍ରୀଡ୍‌କୋ ଖୋଲିଲା ସରକାରଙ୍କ ଗୁମର

**ଭୁବନେଶ୍ୱର :** ଗ୍ରୀଡକୋ ଖୋଲିଲା ସରକାରଙ୍କ ଗୁମର। ରାଜ୍ୟରେ ଅଛି ଶକ୍ତି ସଙ୍କଟ। ପିକ୍ ପିରିୟଡରେ ମଧ୍ୟପ୍ରଦେଶରୁ ଧାରରେ ଆସିବ ବିଦ୍ୟୁତ। ପାୱାର ଟ୍ରିପ୍ ନୁହେଁ, ପାୱାର ସଟେଜ୍ ଯୋଗୁ ହେଉଛି ବିଦ୍ୟୁତ କାଟ। ପିକ୍ ପିରିୟଡରେ ଉପଭୋକ୍ତାଙ୍କୁ ଦେବା ପାଇଁ ଶକ୍ତି ବିଭାଗ ପାଖରେ ନଥିଲା ପର୍ଯ୍ୟାପ୍ତ ବିଜୁଳି। ଯେଉଁଥିପାଇଁ ଏବେ ମଧ୍ୟପ୍ରଦେଶ ଶକ୍ତି ନିଗମ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଛି ଗ୍ରୀଡକୋ। ଗ୍ରୀଡକୋ ପକ୍ଷରୁ ଏକ ପ୍ରେସ ରିଲିଜ ଜରିଆରେ କୁହାଯାଇଛି ଯେ, ରାଜ୍ୟରେ ଖରାଦିନେ ପିକ୍ ସମୟରେ ୫, ୪୦୦ ମେଗାୱାଟ ବିଦ୍ୟୁତ ଆବଶ୍ୟକତା ପଡୁଛି। ଏହି ଚାହିଦା ପୂରଣ ପାଇଁ ଏପ୍ରିଲ୍ ଓ ଜୁଲାଇ ମଧ୍ୟରେ ମଧ୍ୟପ୍ରଦେଶ ଶକ୍ତି ନିଗମଠାରୁ ୧୦୦ ମେଗାୱାଟ ଶକ୍ତି ଅଣାଯିବ। ଶକ୍ତି ବିନିମୟ ବ୍ୟବସ୍ଥା ମାଧ୍ୟମରେ ଅଧିକ ୨୫୦ ମେଗାୱାଟ ପର୍ଯ୍ୟନ୍ତ ଅଣାଯାଇପାରିବ। ଏହି ବିଦ୍ୟୁତକୁ ଶୀତଦିନେ ମଧ୍ୟପ୍ରଦେଶ ଶକ୍ତି ନିଗମକୁ ଫେରାଇବ ଗ୍ରୀଡକୋ। ଖାଲି ସେତିକି ନୁହେଁ, ଦୁର୍ବଳ ଭିତ୍ତିଭୂମି ଯୋଗୁ ବିଦ୍ୟୁତ ଉତ୍ପାଦନରେ ବାଧା ଉପୁଜୁଛି। ଯେଉଁଥିପାଇଁ ବିଦ୍ୟୁତ୍ ନିଅଣ୍ଟ ହେଉଥିବା ଗ୍ରୀଡକୋ ସ୍ପଷ୍ଟ କରିଛି। ଗ୍ରୀଡକୋ ପକ୍ଷରୁ ଏଭଳି ସୂଚନା ଦିଆଯିବା ପରେ ବିରୋଧୀ ବିଜେପି ଓ କଂଗ୍ରେସ୍ ସରକାରଙ୍କୁ ସିଧା ସଳଖ ଟାର୍ଗେଟ କରିଛନ୍ତି। ପାୱାର କଟ୍ ପ୍ରତିବାଦରେ କଂଗ୍ରେସ ଆସନ୍ତା ୨୭ ରେ ରାଜ୍ୟର ସବୁ ବିଦ୍ୟୁତ୍ ଅଫିସ ଘେରାଉ କରିବ। ପ୍ରତିବର୍ଷ ଖରାଦିନେ ବିଦ୍ୟୁତ୍ ଉପଭୋକ୍ତା ପାୱାର କଟ୍ ପାଇଁ ସନ୍ତୁଳି ହେଉଛନ୍ତି। ଆଉ ଏବେ ଗ୍ରୀଷ୍ମ ସରିବା ପରେ ସରକାର ଶକ୍ତି ସଙ୍କଟ ଦୂର ଲାଗି ଅନ୍ୟ ରାଜ୍ୟ ସହ ଚୁକ୍ତି କରିଛନ୍ତି। ଏବେ ପ୍ରଶ୍ନ ଆଗାମୀ ଦିନରେ ଏହା କେତେ ଫଳ ପ୍ରଦ ହେବ।

# 'ଛବିଘର'ରେ ଚିତ୍ର ଉତ୍ସବ

**ଭୁବନେଶ୍ୱର :** ପବିତ୍ର ରଥଯାତ୍ରା ଅବସରରେ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦାସ୍ଥିତ ଛବିଘର (ଶିଶୁ ଚିତ୍ରଶିଳ୍ପୀଙ୍କ ଅଗ୍ରଣୀ ଅନୁଷ୍ଠାନ)ର ନିଜସ୍ୱ ପ୍ରଦର୍ଶନୀ କକ୍ଷରେ ଅନନ୍ୟ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ର ଉତ୍ସବ' ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଓଡିଶାର ସୁନାମଧନ୍ୟ ତଥା ବରେଣ୍ୟ ଚିତ୍ରଶିଳ୍ପୀ ବଳଦେବ ମହାରଥା ମୁଖ୍ୟ ଅତିଥି, ଓଡ଼ିଶା ପ୍ରଶାସନିକ ଅଧିକାରୀ ସନ୍ୟାସୀ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ନଂ -୨ର ଅଧକ୍ଷ ଡଃ ଅଞ୍ଜନ କୁମାର ଖଟୁଆ, ଏବଂ ଗୁରୁମା ସବିତାରାଣୀ ମିଶ୍ର ପ୍ରମୁଖ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଶିଶୁ ଚିତ୍ରଶିଳ୍ପୀମାନଙ୍କୁ ଆର୍ଶ୍ରୀବଚନୀ ପ୍ରଦାନ କରିଥିଲେ। କେବଳ ଯେ ପାଠ ପଢ଼ା ନୁହଁ ଆଜିର ଜାତୀୟ ଶିକ୍ଷା ନୀତି ନିୟମ ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀ ଚିତ୍ର, ନୃତ୍ୟ, ସଙ୍ଗୀତ ଓ ଅଭିନୟ ପ୍ରତି ମନନିଯୋଗ କରିବା ପାଇଁ ବରେଣ୍ୟ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ଉକ୍ତ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ର ଉତ୍ସବ'ରେ ଭୁବନେଶ୍ୱର ସମେତ ଆମ ରାଜ୍ୟ ତଥା




ରାଜ୍ୟ ବାହାରର ବିଭିନ୍ନ ପ୍ରତିଷ୍ଠିତ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ସୃଜନାତ୍ମକ ଶୈଳୀରେ ଅଙ୍କିତ ଚିତ୍ରକଳା ସ୍ଥାନିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ମାସ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଶିଶୁ ଚିତ୍ରଶିଳ୍ପୀ, କଳାନୁରାଗି, ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଦେଖିବାର ସୁଯୋଗ ନେବା ସହ ଅଂଶ ଗ୍ରହଣକାରୀ ଶିଶୁ ଚିତ୍ରଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀମତୀ ଅତସୀ ବସୁ ଜେନା ସୂଚନା ଦେଇଛନ୍ତି। ଚିତ୍ରଶିଳ୍ପୀ ଅମରେଶ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଆର୍ଶ୍ରୀବଚନୀ କାର୍ଯ୍ୟକ୍ରମ ଏବଂ ଚିତ୍ରକଳା ପ୍ରଦର୍ଶନୀକୁ କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଜଗନ୍ନାଥ ଦାସ, ରବିନାରାୟଣ ବନିକ, ତନୁଶ୍ରୀ ବୋଷ, ଅମରେଶ କୁମାର ଜେନା, ମୌସୁମୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିଶୁ ନୃତ୍ୟଶିଳ୍ପୀ ତମନା ଦାସ ଓ ଦିପ୍ରନ୍ୱିତା ଦଳାଇଙ୍କ ଓଡିଶୀ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସର୍ବଶେଷରେ କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ଦୀର୍ଘ ୨୫ ବର୍ଷ ଧରି ଶିଶୁ ଚିତ୍ରଶିଳ୍ପୀଙ୍କ ଚିତ୍ରକଳାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଥିବା ଅନୁଷ୍ଠାନ 'ଛବିଘର' ମହାମାରୀ କରୋନା ସମୟରେ ଆଭାସି ମାଧ୍ୟମରେ ବିଭିନ୍ନ ଚିତ୍ରକଳା ସମ୍ବନ୍ଧୀୟ ପ୍ରତିଯୋଗିତା, ଆଲୋଚନାଚକ୍ର, କର୍ମଶାଳା କରି ଶିଶୁ ଚିତ୍ରଶିଳ୍ପୀଙ୍କ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରି ଅଗ୍ରଣୀ ତଥା ପ୍ରମୁଖ ଶିଶୁ ଚିତ୍ରଶିଳ୍ପୀ ଅନୁଷ୍ଠାନ ଭାବେ ସାରା ରାଜ୍ୟରେ ପରିଚିତ ହୋଇପାରିଛି।

## ସରକାରୀ ଯନ୍ତ୍ରୀଙ୍କ ପକେଟ୍ ଗରମ

# ମେସିନରେ ଚାଲିଛି ମନରେଗା କାମ



**ନବରଙ୍ଗପୁର :** ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଠିକାଦାର ଉପରକୁ କାର୍ଯ୍ୟାନୁଷ୍ଠାନ ଶୂନ। ସରକାର ଗରିବଙ୍କ ପାଇଁ ଶହେ ଦିନ କାମ ଯୋଗାଇବା ପାଇଁ ମନରେଗା ଯୋଜନା କରିଛନ୍ତି, ହେଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗ୍ରାମପଞ୍ଚାୟତରେ, କିନ୍ତୁ ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ ହେଉଛି। କାମରେ ମଣିଷ ବଦଳରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟ ରେ କାମ ହେଉଥିବା ଦେଖିବାକୁ ମିଳୁଛି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ର ବାରିଗୁଡା ଗ୍ରାମ ନିକଟରେ ଥିବା ଏକ ଜମି ଠାରେ ପୋଖରୀ ଖନନ କରାଯାଇଥିବା ବେଳେ ଏଠାରେ ବିନା ସୂଚନା ଫଳକରେ କାମ ହେଉ ଥିବା ଦେଖିବାକୁ ମିଳୁଛି। ରାତି ଦିନ ମେସିନ୍ ସାହାଯ୍ୟ ରେ କାମ ହେଉଥିବା ଅଭିଯୋଗ କଲେ ମଧ୍ୟ ବିଭାଗୀୟ ସରକାରୀ ଯନ୍ତ୍ରୀ ବା ବ୍ଲକ ପ୍ରଶାସନ ଶୁଣୁ ନାହାନ୍ତି। ଅନ୍ୟ ପଟେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ କଡା ନିର୍ଦ୍ଦେଶ ଅନୁଯାୟୀ ମନରେଗା କାମରେ ମେସିନ୍ ବ୍ୟବହାର କଲେ ତୁରନ୍ତ କାମ ବନ୍ଦ କରିବା ସହ ବିଲ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପାଳନ କରୁ ନାହାନ୍ତି । ଏହି ପାପଡାହାଣ୍ଡି ବ୍ଲକର ବହୁ ଲୋକ ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯାଉଥିବାବେଳେ ଏଠାରେ କୁଜି ଠିକାଦାର, ବିଭାଗୀୟ ଯନ୍ତ୍ରୀ ଓ ଜିଆରସ୍ କୁ ହାତ କରି ବେଫିକର ମେସିନ୍ ସାହାଯ୍ୟରେ କାମ ହେଉ ଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯଦି ରୋକ ନ ଲାଗିଲେ ଆହୁରି ଅଧିକ ଦାଦନ ଖଟିବାକୁ ବାହାର ରାଜ୍ୟ କୁ ଯିବେ ବୋଲି ସାଧରଣରେ ଚର୍ଚ୍ଚା ହେଉଛି। ଏ ନେଇ ଆମେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ ଯେହେତୁ ଶ୍ରମିକ ମିଳୁନାହାନ୍ତି, ତେଣୁ ସମସ୍ତଙ୍କ କଥା ବୁଝି ମେସିନ୍ ବ୍ୟବହାର କରୁଛନ୍ତି ବୋଲି କହିଥିଲେ। ତେବେ କାହା ଛତ୍ରଛାୟା ତଳେ ରହି ବେଧଡକ ମେସିନ୍ ସାହାଯ୍ୟ ରେ କାମ କରୁଛନ୍ତି ତାହା ତଦନ୍ତ କରିବା ସହ ଜିଲ୍ଲାପାଳ ହସ୍ତକ୍ଷେପ କରି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ୯ମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ



**ଭୁବନେଶ୍ୱର :** ପାତ୍ରପଡା ଯୋଗ କେନ୍ଦ୍ରରେ ୯ମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସାଧକ ସାଧିକା ମାନେ ବିପୁଳ ସଂଖ୍ୟାରେ ଭାଗ ନେଇଥିଲେ। ଲାୟନ୍ସ କ୍ଲବ ଡିଷ୍ଟ୍ରିକ୍ଟ ୩୨୨-ସି-୪ ଗଭର୍ଣ୍ଣର ହେମନ୍ତ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଉତ୍ସବକୁ ଗୌରବାନ୍ୱିତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନ ଖଣ୍ଡଗିରି ଯୋଗଜିଲ୍ଲା ଶ୍ରୀପଦ କ୍ଷେତ୍ରର କ୍ଷେତ୍ର ଉପଦେଷ୍ଟା ଉଦୟ ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧକ ଶରତଚନ୍ଦ୍ର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। କେନ୍ଦ୍ର ପ୍ରମୁଖ ପ୍ରତାପ ଚନ୍ଦ୍ର ମହାପାତ୍ର ଯୋଗଦିବସର ପାଳନର ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ସାଧକ ସାଧିକା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୂକ୍ଷ୍ମ କ୍ରିୟା, ଯୋଗାସନ ଏବଂ ପ୍ରାଣାୟାମ ଆଦି ପ୍ରଦର୍ଶନ କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ଫଟୋରେ ପୁଷ୍ପ ଓ ଧୂପ ଅର୍ପଣ ସହ ଦୀପକଂ ଜ୍ୟୋତି ମନ୍ତ୍ର ଉଚ୍ଚାରଣ କରିଥିଲେ ଏବଂ ମୁଖ୍ୟ ଅତିଥି ସହ ମଞ୍ଚାସୀନ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଲ୍ୟାଣୀ ପଣ୍ଡା ଓ ସାଥୀ ସାଧୀକାମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ଶରତ୍ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ପ୍ରମୁଖ ପ୍ରତାପ ଚନ୍ଦ୍ର ମହାପାତ୍ର ଯୋଗଦିବସର ତାତ୍ପର୍ଯ୍ୟ ଓ ଆଜିର ବିଷମ ପରିସ୍ଥିତି ରେ ଯୋଗର ପରମ ଆବଶ୍ୟକତା ଓ ମୋଟାପଣ ନିବାରଣ ପାଇଁ ବିଭିନ୍ନ ପ୍ରକାର ଆସନ, ପ୍ରାଣାୟାମର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଭାଗ ନେଇଥିଲେ ବସନ୍ତ କୁମାର ସାହୁ, ପ୍ରଭାକର ପଣ୍ଡା, ଉମାକାନ୍ତ ପାଢ଼ୀ, ତରୁଣ ବଳା ମହାପାତ୍ର, କଲ୍ୟାଣୀ ପଣ୍ଡା, ପୁଷ୍ପାଞ୍ଜଳି ରାଉତରାୟ ଏବଂ ସବିତା ପତି। ମୁଖ୍ୟ ଅତିଥି ହେମନ୍ତ କୁମାର ଖୁଣ୍ଟିଆ ଯୋଗ ମାଧ୍ୟମରେ ଶାନ୍ତି, ଏକତା, ଭଲ ପାଇବା ଓ ଭାତୃତ୍ୱଭାବର ପ୍ରତିଷ୍ଠା ଓ ଜନ କଲ୍ୟାଣ କାର୍ଯ୍ୟ କିପରି ସମ୍ଭବ ହେବ ତାହା ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ସଭାପତି ଉଦୟନାଥ ସାହୁ ସାମ୍ପ୍ରତିକ ପରିସ୍ଥିତିରେ ମାନବ ଜାତି କିପରି ଯୋଗ ଦ୍ୱାରା ଏକ ସୁସ୍ଥ ଦୀର୍ଘାୟୁ ଜୀବନ ଜିଇଁପାରିବ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସାଧକ ଟଙ୍କଧର ବେହେରା ଧନ୍ୟବାଦ ଅର୍ପଣ ସହ ଯୋଗର ସମାଜପାଇଁ ପରମ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ପୁଷ୍ପାଞ୍ଜଳୀ ରାଉତରାୟ ପ୍ରାର୍ଥନା ଓ ଶାନ୍ତି ପାଠ ଆବୃତ୍ତି କରିଥିଲେ। ସର୍ବଶେଷରେ ମହେନ୍ଦ୍ର ରଣସିଂହଙ୍କ ନେତୃତ୍ୱରେ ସମସ୍ତଙ୍କୁ ଜଳଯୋଗ ଦ୍ୱାରା ଆପ୍ୟାୟିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ପୁରା କାର୍ଯ୍ୟର ସୁନ୍ଦର ରୁପାୟନ କରିଥିଲେ ସାଧକ ଅକ୍ଷୟ କୁମାର ବରାଳ ଏବଂ ଏଥିରେ ତାଙ୍କୁ ସହଯୋଗ କରିଥିଲେ କେନ୍ଦ୍ରର ନିତ୍ୟାନନ୍ଦ ପାରୁଲ, ସ୍ୱରୁପ ସାହୁ, ରମାକାନ୍ତ ରଥ, ଦିପଙ୍କର ସାହୁ, କବିତା ମିଶ୍ର।

# ସୂର୍ଯ୍ୟମନ୍ଦିର ସମ୍ମୁଖରେ ଆନ୍ତର୍ଜାତୀକ ଯୋଗ ଦିବସ ପାଳିତ



**କୋଣାର୍କ :** ଜୁନ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କ କ୍ଷେତ୍ରରୂପେ ପରିଚିତ କୋଣାର୍କର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ପ୍ରଦର୍ଶନର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିକ୍ଷା ବିକାଶ ସମିତି ପକ୍ଷରୁ ନିମାପଡା ସଂକୁଳ ଅନ୍ତର୍ଗତ କୋଣାର୍କ, କାକଟପୁର, ଗୋପ, ଅସ୍ତରଙ୍ଗ ଅଂଚଳରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩ଶହରୁ ଅଧିକ ଛାତ୍ରଛାତ୍ରୀ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ସୂର୍ଯ୍ୟ ନମସ୍କାର ଓ ବିଭିନ୍ନ ପ୍ରକାର ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ସଂଗଠନ ମନ୍ତ୍ରୀ ତାରକ ଦାସ ସରକାର, ପ୍ରଚାରକ ଦିବାକର ଘୋଷ, ପୁରୀ ଜିଲ୍ଲା ସଂଖୁଳ ପ୍ରମୁଖ ଅକ୍ଷୟ କୁମାର ଜେନା, ପୂର୍ବ ସମ୍ଭାଗ ସଂଯୋଜକ ଭାଷା ଶିରିଶି କୁମାର ହାତୀ, ଅନନ୍ତ ଅବଧୂତ ମଠର ମହନ୍ତ ଅଦିତ୍ୟଚରଣ ଦାସ, ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହନ୍ତି, ସହ ନିରୀକ୍ଷକ ନୃସିଂହ ଚରଣ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ବାଲିଦୋକାନ ରଣାନନ୍ଦ ବିଶ୍ୱାଳ, ସମାଜସେବୀ ରଶ୍ମୀରଞ୍ଜନ ବିଶ୍ୱାଳ, ରଘୁନାଥ ମହାପାତ୍ର, ଭାଗୀରଥି ସ୍ୱାଇଁ, ପ୍ରଦୀପ୍ତ କୁମାର ପାତ୍ର, ଗୋପିନାଥ ସ୍ୱାଇଁ, କୋଣାର୍କ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମେଘନାଦ ସ୍ୱାଇଁ ପ୍ରମୁଖ ଅତିଥିରୂପେ ଯୋଗଦେଇ ଯୋଗଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏତଦ ବ୍ୟତିତ ନେହେରୁ ଯୁବକେନ୍ଦ୍ର ପୁରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ମଧ୍ୟ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ପାଳିତ ହୋଥିଲା ଆନ୍ତର୍ଜାତିକ ଯୋଗଦିବସ। ଛାତ୍ରଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ମଧ୍ୟରେ ଶାରୀରିକ, ମାନସିକ, ନୈତିକ ଏବଂ ଆଧାତ୍ମିକ ଜ୍ଞାନର ବିକାଶ ପାଇଁ ଯୋଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି ଆୟେଜକ ମାନେ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାହା ଟଙ୍କା ...

ବାଲେଶ୍ୱର ଓ ବରଗଡ଼ ଜିଲ୍ଲାରେ ତହସିଲଦାର ଏବଂ ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ବିଡିଓ ଭାବେ ଯୋଗ ଦେଇଥିଲେ। ତା'ପରେ ନବରଙ୍ଗପୁରରେ ଅତିରିକ୍ତ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ସରକାରୀ ଚାକରିରୁ ୨୦୨୬ ଜୁଲାଇ ମାସରେ ଅବସର ନେଇଥାନ୍ତେ। ତେବେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପ୍ରଶାନ୍ତ ଜଣେ ପ୍ରଭାବଶାଳୀ ବିଜେଡି ନେତାଙ୍କ ଖାସ୍ ଅନୁଗତ ହୋଇ ଗତ ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ଧରି ଟଙ୍କା କାରବାର କରୁଥିଲେ। ଏହି ନଗଦ ଟଙ୍କା ସମ୍ପୃକ୍ତ ନେତାଙ୍କ ବ୍ୟକ୍ତିଗତ ଟଙ୍କା ବୋଲି ଚର୍ଚ୍ଚା ହେଉଛି। ନଚେତ୍ ପ୍ରଶାନ୍ତଙ୍କର ଏଭଳି କୌଣସି ଉପାର୍ଜନର ସ୍ରୋତ ନାହିଁ ଯେଉଁଥିରେ ସେ ଏତେ ଟଙ୍କା ନଗଦ ଉପାର୍ଜନ କରିପାରିବେ। କାରଣ ୨୦୧୮ ନଭେମ୍ବର ମାସରେ ପ୍ରଶାନ୍ତଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା ଓ ୨୦୨୦ ଜାନୁୟାରୀ ପର୍ଯ୍ୟନ୍ତ ପ୍ରଶାନ୍ତ ନିଲମ୍ବିତ ହୋଇ ଘରେ ବସିଥିଲେ। ୨୦୨୦ ଜାନୁୟାରୀରେ ତାଙ୍କୁ ପୁନଃ ନିଯୁକ୍ତି ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ମିଳିଥିଲେ ମଧ୍ୟ ସେହି ପଦବୀରେ ଏତେ ଟଙ୍କା ସଂଗ୍ରହ କରିବାର ସୁଯୋଗ କିମ୍ବା ସମ୍ଭାବନା ବି ନାହିଁ। ତେଣୁ ଯେଉଁ ନେତାଙ୍କର ଏହି ଟଙ୍କା ବୋଲି ଚର୍ଚ୍ଚା ହେଉଛି, ସମ୍ପୃକ୍ତ ନେତାଙ୍କ ମାଧ୍ୟମରେ ହିଁ ସେ ନିଜର ନିଲମ୍ବନ ହଟାଇ ପାରିଥିଲେ ତଥା ପଞ୍ଚାୟତ ଓ ପୌର ନିର୍ବାଚନବେଳେ ତାଙ୍କର ଖାସ୍ ଭାବେ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟ କରିଥିଲେ ପାୱାର କରିଡରରେ ଚର୍ଚ୍ଚା। ତେବେ ପ୍ରଶାନ୍ତ କିମ୍ବା ଭିଜିଲାନ୍ସ ଉଭୟ ଏତେ ପରିମାଣର ନଗଦ ଟଙ୍କା କେଉଁ ସୂତ୍ରରୁ ମିଳିଲା ତାକୁ ନେଇ କେହି ମୁହଁ ଖୋଲୁନାହାନ୍ତି।

### ୨.୧୦ଲକ୍ଷ ହେକ୍ଟର ...

ଅର୍ଥାତ୍ ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ମୋଟ ୨.୧୦ଲକ୍ଷ ହେକ୍ଟର ଜମି ଉପରୁ ଆଦିବାସୀମାନେ ନିଜର ମାଲିକାନା ହରାଇ ବସିଛନ୍ତି। ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ମୋଟ ୯୫.୯୧ଲକ୍ଷ ଆଦିବାସୀ ଲୋକ(ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫%) ଥିବାବେଳେ ସେମାନଙ୍କ ମଧ୍ୟରେ ୧୩ଟି ଆଦିମ ଜନଜାତିଙ୍କୁ ମିଶାଇ ମୋଟ ୬୨ଟି ସମୁଦାୟର ଲୋକେ ଅଛନ୍ତି। ରାଜ୍ୟର ମୋଟ ୩୧୪ଟି ବ୍ଲକ ମଧ୍ୟରୁ ୧୧୯ଟି ବ୍ଲକ ସିଡ୍ୟୁଲ ଏରିଆ ଭାବେ ଚିହ୍ନଟ ହୋଇଛି। ୨୦୨୨ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୪୪.୭୦% ଅଂଚଳ ସିଡ୍ୟୁଲ ଏରିଆରେ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ଜିଲ୍ଲା ଓ ତହସିଲସ୍ତରରେ ଆଦିବାସୀଙ୍କ ଜମି ସଂକ୍ରାନ୍ତୀୟ ତଥ୍ୟର ହିସାବ ରଖିବା ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କିମ୍ବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ କିମ୍ବା ସମ୍ପୃକ୍ତ ତହସିଲରେ ନାହିଁ ବୋଲି ସିଏଜି ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶା ସିଡ୍ୟୁଲ ଏରିଆ ଟ୍ରାନ୍ସଫର ଅଫ ଇମୁଭେବୁଲ ପ୍ରପର୍ଟି (ଓଏସଏଟିଆଇପି) ରେଗୁଲେସନ,୧୯୫୬ର ସଂଶୋଧନ (୨୦୦୨ ଅର୍ଡର)କୁ ୨୦୦୨ ସେପ୍ଟେମ୍ବର ୪ତାରିଖରେ କାର୍ଯ୍ୟକାରୀ କଲେ। ଯେଉଁଥିରେ ଆଦିବାସୀ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର ଉପରେ କଟକଣା ରହିଛି। କିନ୍ତୁ ଏହି ନିୟମ କାର୍ଯ୍ୟକାରୀ ହେବାର ଏତେ ବର୍ଷ ପରେ ମଧ୍ୟ ତାକୁ ସଠିକ୍ ଭାବେ କାର୍ଯ୍ୟକ୍ଷମ କରାଯାଇ ପାରିନି କିମ୍ବା ଏ ଦିଗରେ ଅଣଆଦିବାସୀଙ୍କ କବଜାରେ ଥିବା କୌଣସି ଜମି ତା'ର ପ୍ରକୃତ ମାଲିକ (ଆଦିବାସୀ)ଙ୍କ ନିକଟକୁ ଫେରସ୍ତ ଯାଇନି। ଏ ଦିଗରେ କୌଣସି ସମୟସୀମା ନିର୍ଦ୍ଧାରଣ ହୋଇନଥିବାରୁ ୧୦ବର୍ଷରୁ ଅଧିକ ସମୟ ଧରି ପ୍ରାୟ ୧୩୪୭ଟି ମାମଲା ପଡ଼ିରହିଛି ବୋଲି ସିଏଜି ତାଙ୍କ ଚିଠା ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ଓଡ଼ିଶାରେ ...

ପ୍ରଶଂସାକୁ କଂଗ୍ରେସ ନେତାଙ୍କୁ ଅସହ୍ୟ ହେଉଛି। କେହି କେହି ମୋଦିଙ୍କୁ ସାପ, ବିଛା, ନୀଚ, ଅନପଢ, ଚା ବାଲା ବୋଲି କହୁଛନ୍ତି ହେଲେ ଯାହା କହିଲେ ବି କିଛି ବି ଫରକ ପଡିବ ନାହିଁ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ବ୍ୟାପକ ଘୋଟାଲା ହେଉଛି। ଯୋଗ୍ୟ ବ୍ୟକ୍ତି ଆବାସ ଯୋଜନାରୁ ବଂଚିତ ଏହାର ତଦନ୍ତ ହେବା ଦରକାର। ମୁଁ ଗିରିରାଜ ସିଂହଙ୍କୁ କହିବି ଏହାର ତଦନ୍ତ କରିବା ପାଇଁ। "ଦୁଧ କା ଦୁଧ ପାଣି କା ପାଣି" ହୋଇଯାଉ। ଯେଉଁମାନେ ଗରିବ ଲୋକଙ୍କୁ ଘର ନଦେବା ପାଇଁ ଷଡଯନ୍ତ୍ର କରିଛନ୍ତି ସେମାନଙ୍କୁ ଜେଲ ପଠାଯିବ। ନବୀନ ପଟ୍ଟନାୟକ ଚାହୁଁ ନାହାନ୍ତି ଯେ, କେନ୍ଦ୍ରର ଆୟୁଷ୍ମାନ ଯୋଜନାରେ ଓଡ଼ିଶା ଲୋକଙ୍କୁ ସୁବିଧା ମିଳୁ। ଓଡ଼ିଶାରେ ସମସ୍ତ ରେଳ ଟ୍ରାକର ବିଦ୍ୟୁତିକରଣ ହୋଇଛି। ଭୁବନେଶ୍ୱର, କଟକ, ପୁରୀରେ ଷ୍ଟେସନ ଉନ୍ନତିକରଣ ମଧ୍ୟ ହୋଇଛି। ଓଡ଼ିଶାରେ ମୋଦିଜୀଙ୍କ ନେତୃତ୍ୱରେ ଏବେ ସ୍ୱାସ୍ଥ୍ୟସେବା ପାଇଁ ୭ଟି ମେଡିକାଲ କଲେଜ ହୋଇଛି ସେଥିରୁ ୫ଟି କାର୍ଯ୍ୟକାରୀ ହୋଇଛି ଓ ୨ଟି ଖୁବଶୀଘ୍ର ହେବ। କଳାହାଣ୍ଡିର ମେଡିକାଲ କଲେଜ ପାଇଁ ୩୫୦କୋଟି ଟଙ୍କାର ଅନୁଦାନ ମିଳିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

### କିଛି ନେତାଙ୍କୁ ...

ଝାରସୁଗୁଡ଼ା, କଟକରୁ ବଲାଙ୍ଗିର, କେନ୍ଦ୍ରାପଡ଼ାରୁ କୋରାପୁଟ ପର୍ଯ୍ୟନ୍ତ ସବୁଠି ଦଳରେ ସମାନ୍ତରାଳ ସଂଗଠନ ସହ ତୀବ୍ର ଗୋଷ୍ଠୀକନ୍ଦଳକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ୩ଟି ପର୍ଯ୍ୟାୟରେ ମୋଟ ୭୯ଟି ବିଧାନସଭା ଆସନରେ ପ୍ରାର୍ଥୀ ଚୟନ କାର୍ଯ୍ୟ ଶେଷ କରିଥିବା ଜଣାପଡ଼ିଛି। ବାକି ୬୮ଟି ଆସନରେ ଦଳ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କ ଅନ୍ୱେଷଣରେ ରହିଥିବା ସୂଚନା ମିଳିଛି। ବିଜେଡି ସୂତ୍ର ଅନୁସାରେ, ଷୋଡ଼ଶ ବିଧାନସଭାରେ ବିଜେଡିର ମୋଟ ୪୭ଜଣ ବିଧାୟକ ଏଭଳି ଅଛନ୍ତି ଯେଉଁମାନେ ପ୍ରଥମଥର ନିର୍ବାଚନ ଜିତିକି ଆସିଛନ୍ତି। ଏମାନଙ୍କ ମଧ୍ୟରୁ ଦଳ ମାତ୍ର ୩୦ ପ୍ରତିଶତ ବିଧାୟକଙ୍କୁ ପୁଣିଥରେ ଟିକେଟ୍ ଦେବାର ସମ୍ଭାବନା ରହିଛି। ଏପରିକି ସେମାନଙ୍କ ମଧ୍ୟରୁ କିଛି ବିଧାୟକ ଯଥା- ରୁଦ୍ର ମହାରଥୀ, ଦୀପାଳି ଦାସ, ଅଳକା ମହାନ୍ତି, ବାସନ୍ତୀ ହେମ୍ବ୍ରମ, ସଞ୍ଜିବ ମଲ୍ଲିକ, ସମ୍ବିତ ରାଉତରାୟ, ଲତିକା ପ୍ରଧାନଙ୍କୁ ଇତିମଧ୍ୟରେ ଆଗାମୀ ନିର୍ବାଚନ ପାଇଁ ଗ୍ରୀନ୍ ସିଗ୍ନାଲ ଦିଆଯାଇଛି। ସେହିପରି ପଞ୍ଚଦଶ ବିଧାନସଭାର ମୋଟ ୫୭ଜଣ ଦଳୀୟ ବିଧାୟକ ପୁନର୍ବାର ଷୋଡ଼ଶ ବିଧାନସଭାକୁ ନିର୍ବାଚନ ହୋଇଥିଲେ ମଧ୍ୟ ବିଜେଡି ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ବିଧାୟକ ପୁଣିଥରେ ଟିକେଟ୍ ପାଇବାର ସମ୍ଭାବନା ରହିଛି। ବିଧାନସଭାରେ ଏବେ ଦଳର ୧୭ଜଣ ମହିଳା ବିଧାୟକ ଅଛନ୍ତି, ଆଗାମୀ ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାଙ୍କୁ ଦଳ ଟିକେଟ୍ ଦେବାକୁ ଯୋଜନା ରଖିଛି। ୨ଜଣ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବଙ୍କୁ ଦଳ ବହିଷ୍କାର କରିସାରିଥିବାବେଳେ ବାକି ୫୫ଜଣଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଦଳ ପକ୍ଷରୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଗ୍ରୀନ୍ ସିଗନାଲ ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୯ ମସିହାରେ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେଡି ମୋଟ ୪୪.୭% ଭୋଟ୍ ପାଇଥିବାବେଳେ ବିଜେପି ୩୨.୫% ଓ କଂଗ୍ରେସକୁ ୧୬.୧ ପ୍ରତିଶତ ଭୋଟ୍ ମିଳିଥିଲା।

### ବଦଳିବ ...

ବିଡିଏ ଉପାଧକ୍ଷ ବଲୱନ୍ତ ସିଂ, ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଫାଇଭ-ଟି ସଚିବ। କାର୍ଯ୍ୟର ଅଗ୍ରଗତି ନେଇ ତଦାରଖ କରିବା ପରେ ମାର୍କେଟ କମ୍ପ୍ଲେକ୍ସ ଯାଇଥିଲେ ଫାଇଭ-ଟି ସଚିବ। ସେଠାରେ ଲାଇଟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ନୂଆ ରୂପ ନେବାକୁ ଯାଉଛି ଏକାମ୍ର ନଗରୀ। ବହୁ ପ୍ରତିକ୍ଷିତ ଏକାମ୍ରକ୍ଷେତ୍ର ଆମେନିଟିଜ୍ ଆଣ୍ଡ ମନ୍ୟୁମେଣ୍ଟସ୍ ରିଭାଇଭାଲ୍ ପ୍ଲାନକୁ ଅନୁମୋଦନ ମିଳିବା ପରେ ଜୁନ୍ ୨୬ରୁ କାମ ଆରମ୍ଭ ହେବ। ଜୁନ୍ ୨୫ରୁ ୨୮ ଯାଏ ଲାଇଟ୍ ବ୍ୟବସ୍ଥାରେ ଚମକିବ ପୁରୁଣା ଭୁବନେଶ୍ୱର। ଏଥିସହ ଶ୍ରୀଲିଙ୍ଗରାଜ ମନ୍ଦିରର ସାମ୍ନା ଓ ବାହାର କାନ୍ଥରେ ପ୍ରୋଜେକସନ୍ ଲଗାଯିବ। ଆସନ୍ତା ସୋମବାର ରାତିରୁ ହୋମଯଜ୍ଞ, ବେଦପାଠ, ମନ୍ତ୍ରଧ୍ୱନୀ ଓ ସଙ୍କୀର୍ତ୍ତନରେ ଆଧାତ୍ମିକ ପରିବେଶରେ ପ୍ରକମ୍ପିତ ହେବ ଏକାମ୍ରକ୍ଷେତ୍ର। ୨୮ରେ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ପରେ ପୂର୍ଣ୍ଣାହୁତିରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ। ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସରେ ବି ପ୍ରଦର୍ଶନୀ ଲାଗିବା ସହ ପ୍ରୋଜେକସନ୍ ମ୍ୟାପିଂ କରାଯିବ। ଭଜନ ସମାରୋହରେ ଦେଶର ନାମୀଦାମୀ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପ ଜରିଆରେ ଲିଙ୍ଗରାଜ ଏଣ୍ଟ୍ରି ପ୍ଲାଜା, ଭଜନ ମଣ୍ଡପ, ହେରିଟେଜ୍ ପାର୍କ, କେଦାର ଗୌରୀ ପ୍ଲାଜା, ବିନ୍ଦୁ ସାଗର କଡ଼ରେ ପଦଚାରୀଙ୍କ ପାଇଁ ରାସ୍ତା କାମ, ପୁଷ୍କରିଣୀ ଗୁଡ଼ିକର ନବୀକରଣ, କେଦାର ଗୌରୀ ଓ ମୁକ୍ତେଶ୍ୱର ମନ୍ଦିରର ପରିସରର ବିକାଶ, ଇ-ଅଟୋ ସର୍ଭିସ୍ ଓ ଟ୍ରାଫିକ୍ ମ୍ୟାନେଜମେଣ୍ଟ କାମ କରାଯିବ।

### ପୁଣି ଥରେ ...

ଟାସ୍କଫୋର୍ସଙ୍କ ସୁପାରିଶକୁ ସ୍ୱୀକାର କରିବା ସହ ଉକ୍ତ ରିପୋର୍ଟକୁ ରାଜ୍ୟ କ୍ୟାବିନେଟ୍ ୨୦୧୪ ଡିସେମ୍ବର ୧୮ରେ ଅନୁମୋଦନ କରିଥିଲେ। କୋର୍ଟ-କେଚରୀର ଆଳ ଦେଖାଇ ଇଚ୍ଛାଧୀନ କୋଟାରେ ସରକାରୀ ଜମିଗୁଡ଼ିକୁ ହାତେଇଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାରୀସ୍ତରରେ ଏବେ ତତ୍ପରତା ପ୍ରକାଶ ପାଇଛି। ଯେଉଁ କାରଣରୁ ରାଜ୍ୟ କ୍ୟାବିନେଟ୍ ୨୦୨୨ ନଭେମ୍ବର ୧୯ତାରିଖରେ ନିଜର ୮ବର୍ଷ ପୁରୁଣା ନିଷ୍ପତ୍ତିରୁ ଓହରି ଯାଇ ତାରା ଦତ୍ତ ଟାସ୍କଫୋର୍ସ ସୁପାରିଶ ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ। ୭ମାସ ତଳେ ରାଜ୍ୟ କ୍ୟାବିନେଟ୍ ଏହି ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ରେ ସୁପାରିଶରେ ସଂଶୋଧନ ପାଇଁ ନିଷ୍ପତ୍ତି ନେଇଥିଲେ। ଏବେ ପୁଣି ସେହି ଅନୁଚ୍ଛେଦରେ ଆଉ ହିତାଧିକାରୀଙ୍କ ନାଁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ରେ ସୁପାରିଶ କରାଯାଇଛି ଯେ, ଇଚ୍ଛାଧୀନ କୋଟାରେ ପ୍ରଥମେ ପ୍ଲଟ ଓ ଘର ପାଇ ତାକୁ ଅନ୍ୟ ନାଁକୁ ଟ୍ରାନ୍ସଫର କରି ପୁଣିଥରେ ଦ୍ୱିତୀୟ ଥର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଅବା ଘର ପାଇଥିବା ହିତାଧିକାରୀଙ୍କ ପୂର୍ବ ହସ୍ତାନ୍ତରଣକୁ ରଦ୍ଦ କରାଯିବା ସହ ଏସବୁ ପାଇଁ ଅନୁମତି ଦେଇଥିବା ସିଡିଏ, ବିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ଇଚ୍ଛାଧୀନ କୋଟାରେ ଆବଂଟିତ ଘର ଓ ପ୍ଲଟର ଏଭଳି ବେଆଇନ ହସ୍ତାନ୍ତର ଓ ଏକାଧିକ ପ୍ଲଟ୍ ଅବା ଘର ଆବଣ୍ଟନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ଉଚିତ୍। ତେବେ ସରକାରୀ ନୀତିନିୟମ ପାଳନ କରି ହିତାଧିକାରୀ ପାଇଥିବା ଗୋଟିଏ ଘର ଅବା ପ୍ଲଟର ଟ୍ରାନ୍ସଫର ହୋଇଥିଲେ, ସେଗୁଡ଼ିକର ଆବଂଟନ ରଦ୍ଦ ନକରିବାକୁ ଟାସ୍କଫୋର୍ସ ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ପ୍ରଶ୍ନ ଉଠୁଛି, ଟାସ୍କଫୋର୍ସ ରିପୋର୍ଟରେ ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟକୁ ବେଆଇନ ଭାବେ ଟ୍ରାନ୍ସଫର କରାଯିବା ଓ ସମ୍ପୃକ୍ତ ହିତାଧିକାରୀ ଦ୍ୱିତୀୟଥର ପୁଣି ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟ ହାତେଇବା ଆଦିରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସୁପାରିଶ ହୋଇଥିଲେ ମଧ୍ୟ ସରକାର ଏହା ଉପରେ ପଦକ୍ଷେପ ନନେଇ ସମସ୍ତ ଇଚ୍ଛାଧୀନ କୋଟାକୁ ବୈଧ କରିବା ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ, ୧୯୯୫ରୁ ୨୦୧୧ ମସିହା ମଧ୍ୟରେ ବିଡିଏ, ସିଡିଏ ଓ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ଇଚ୍ଛାଧୀନ କୋଟାରେ ମୋଟ ୧୭୯୧ଟି ପ୍ଲଟ ଓ କୋଠା ଆବଣ୍ଟିତ ହୋଇଛି। ବିଡିଏରେ ୮୦୩, ସିଡିଏରେ ୯୨୧ଟି ଓ ଗୃହ ନିର୍ମାଣ ବୋର୍ଡରେ ୬୭ଟି ଆବଣ୍ଟନ ରହିଛି। ସେଥିରୁ ମାତ୍ର ୫୪ଟି ଏକାଧିକ ଆବଂଟନ ଚିହ୍ନଟ ହୋଇଛି। ଯେଉଁଥିରେ ବିଡିଏର ୧୮ଟି, ସିଡିଏର ୩୨ଟି ଓ ଗୃହ ନିର୍ମାଣ ବୋର୍ଡର ୪ଟି ଆବଣ୍ଟନ ରହିଛି। ଇଚ୍ଛାଧୀନ କୋଟାରେ ଏକାଧିକ ପ୍ଲଟ୍ ଓ ଘର ନେଇଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାର ନୋଟିସ୍ ଜାରି କରି ସେମାନଙ୍କୁ ଅତିରିକ୍ତ ଘର ଓ ପ୍ଲଟ୍ ଫେରାଇବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ନିଜର ପ୍ରଭାବ ବିସ୍ତାର କରି ଏସବୁ ଏକାଧିକ ଘର ଓ ପ୍ଲଟ୍ ହାତେଇଥିବା କୌଣସି ବ୍ୟକ୍ତି କିମ୍ବା ସରକାରୀ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ସରକାର ଟାସ୍କଫୋର୍ସ ରିପୋର୍ଟରୁ ଏହି ପ୍ରାବଧାନକୁ ହଟାଇ ସମସ୍ତ ଇଚ୍ଛାଧୀନ କୋଟାକୁ ପୁଣିଥରେ ବୈଧ କରିଦେଇଛି। ଅର୍ଥାତ୍ ଏହି ଅବଧି ମଧ୍ୟରେ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ମୋଟ ୧୭୩୭ଟି ପ୍ଲଟ୍ ଓ ଘର ଆଇନତଃ ବୈଧ ରହିବ। ଯାହାଫଳରେ ଏଣିକି ଆବଣ୍ଟନଗ୍ରାହୀଙ୍କ ଉତ୍ତରାଧିକାରୀଙ୍କ ସପକ୍ଷରେ ଦାଖଲ ଖାରଜ ଓ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ସରକାରୀ ଭାବେ ସମ୍ଭବପର ହୋଇପାରୁଥିଲା। ସରକାର ଆଉ ପାଦେ ଆଗକୁ ଯାଇ ରାଜ୍ୟ କ୍ୟାବିନେଟ୍ ଏହି ଆବଣ୍ଟନଗ୍ରାହୀଙ୍କ ନାଁକୁ ଟାସ୍କଫୋର୍ସରୁ ବାଦ୍ ଦେଇ ସବୁ ବେଆଇନ କାର୍ଯ୍ୟ ଉପରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଓ ଆଇନଗତ ମାନ୍ୟତା ଦେବାର ମାର୍ଗକୁ ପ୍ରଶସ୍ତ କରିଛନ୍ତି।

# ରଥଯାତ୍ରା ଓ ରଥଯାତ୍ରାର ଭିନ୍ନ ଭିନ୍ନ ନାମ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ରଥଯାତ୍ରାର ଭିନ୍ନ ଭିନ୍ନ ନାମ ରହିଛି। ଏହାକୁ ଘୋଷ ଯାତ୍ରା କୁହାଯାଏ। ଘୋଷ ଯାତ୍ରା ଅର୍ଥାତ୍ ନନ୍ଦିଘୋଷରେ ବିରାଜମାନ କରି ଶ୍ରୀଜଗନ୍ନାଥ ଯାତ୍ରା କରୁଥିବାରୁ ବା ଏହି ଯାତ୍ରା ମାଧ୍ୟମରେ ବିଶ୍ୱର ମଙ୍ଗଳ ଘୋଷଣା କରାଯାଉଥିବାରୁ ଏହାକୁ ଘୋଷଯାତ୍ରା କୁହାଯାଏ। ସେହିପରି ଏହାକୁ ଆଡ଼ପ ମଣ୍ଡପ ଯାତ୍ରା ମଧ୍ୟ କୁହାଯାଏ। ଆଡ଼ପ ମଣ୍ଡପ ଯାତ୍ରା ହେଉଛି ଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପ ମଣ୍ଡପରେ ତିନି ଠାକୁର ବିଜେ କରିଥାନ୍ତି। ଫଳରେ ଏହାକୁ ଆଡ଼ପ ମଣ୍ଡପ ଯାତ୍ରା କୁହାଯାଏ। ସେହିପରି ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ବୋଲି କୁହାଯାଏ। କାରଣ ଆଡ଼ପ ମଣ୍ଡପକୁ ପ୍ରଭୁଙ୍କ ଜନ୍ମବେଦୀ କୁହାଯାଏ। ଏଠାରେ ବିଗ୍ରହ ନିର୍ମାଣ କରାଯାଇଥିବାରୁ କିମ୍ବଦନ୍ତୀ ରହିଛି। ତେଣୁ ଏହାକୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା କୁହାଯାଏ। ଦଶାବତାର ଯାତ୍ରା ଭାବେ ଏହାକୁ ବିବେଚିତ କରାଯାଉଥିବାବେଳେ ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ। ସେହିପରି ପତିତପାବନ ଯାତ୍ରା ଭାବେ ଏହାକୁ ମଧ୍ୟ କୁହାଯାଏ। ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀଜଗନ୍ନାଥ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ଭକ୍ତଙ୍କ ଗହଣରେ ନିଜକୁ ସମ୍ମିଳିତ କରିଦିଅନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରି ପତିତମାନେ ଉଦ୍ଧାର ପାଇଥାନ୍ତି। ତେଣୁ ଏହାକୁ ପତିତପାବନ ଯାତ୍ରା କୁହାଯାଏ। ଆହୁରି ଏହାକୁ ନବଦିନାତ୍ମକ ଯାତ୍ରା ଭାବେ କୁହାଯାଏ କାରଣ ଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ନଅ ଦିନ ଧରି ଏହା ଚାଲୁଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ। ସେହିପରି ଗୁଣ୍ଡିଚା ଯାତ୍ରା ଭାବେ ଏହାକୁ ବିବେଚନା କରାଯାଏ କାରଣ ଗୁଣ୍ଡିଚା ଘରକୁ ତିନି ଠାକୁର ଯାତ୍ରା କରୁଥିବାରୁ ଏହାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। 'ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ'ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ୍ୟ ବିଚାର କରାଯାଏ। ଲୋକକଥା ମଧ୍ୟ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୁତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ୍ୟ ଆରାଧ୍ୟ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧିକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦ୍ୱୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ୍ୟ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି ମହାଭାରତର କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି। ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର ଲୋକମାନଙ୍କର ବିଶ୍ୱାସ ମଧ୍ୟ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଳେଷଣ କଲେ ମଧ୍ୟ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ଫାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି। ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ୍ୟ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଉର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା। ଆମରି ପରମ୍ପରାନୁକ୍ରମେ ଅଗଣିତ ଭକ୍ତ କବିଙ୍କ କଣ୍ଠରୁ ଝରି ଆସିଛି ପ୍ରଭୁଙ୍କ ମହିମା ବର୍ଣ୍ଣିତ କେତେ କେତେ ପ୍ରାର୍ଥନାର ସ୍ତବ, ଭଜନ ଓ କବିତା। ଆଜି ତାଙ୍କରି ଏହି ପବିତ୍ର ଉତ୍ସବରେ ତାଙ୍କରି ଶ୍ରୀରଙ୍ଗା ଚରଣ ତଳେ ଅର୍ପଣ କରୁଛୁ ଆମରି ସେହି ପ୍ରଣମ୍ୟ କବିଗଣଙ୍କର କିଛି ଗୀତ ଓ କବିତା। ଆଶା କରୁଛୁ ଆମରି ସୁଧୀ ପାଠକେ ଏହାକୁ ସାଦରେ ଗ୍ରହଣ କରିବେ।









# ମାଉସୀ ମା ଓ ସନ୍ଧ୍ୟା ବେଶ

ବଡ଼ଦାଣ୍ଡରେ ଗଲାବେଳେ ଗୋଟିଏ ଜାଗାରେ କିଛି ବେଳ ଅଟକି ଯାଆନ୍ତି ବଡ଼ ଠାକୁର। କାହିଁକି ନା ସେଇଠି ହିଁ ମହାପ୍ରଭୁଙ୍କ ମାଉସୀ ମା'ଘର। ଏହି ବାଟ ଦେଇ ଯାଉଛନ୍ତି ଯେତେବେଳେ, ଟିକିଏ ଅଟକି ନ ଯିବେ କେମିତି ? ବଳ ବୟସ କମିଯିବା ହେତୁ ମାଉସୀ ମା'ର ଅଣ୍ଟା ନଇଁ ଯାଇଛି ସିନା, ହେଲେ ନିଜ ପିଲା ଆସୁଛନ୍ତି ଯେତେବେଳେ ମନ କ'ଣ ଥୟ ଧରିବ ? ସେ ତା' ପିଲାଙ୍କୁ ଟିକିଏ ଆଖି ପୁରେଇ ଦେଖିବ, ତାଙ୍କୁ ନିଜ ହାତ ତିଆରି ପୋଡ଼ ପିଠା ଖୁଆଇବ, ଏଥିପାଇଁ ମାଉସୀ ମା'ର ଖୁସି କହିଲେ ନସରେ। ବର୍ଷକରେ ଥରେ ରଥରେ ବାହୁଡ଼ାଦିନ ଏହି ବାଟ ଦେଇ ଫେରିବା ବେଳେ ଠାକୁର ମାଉସୀ ମା' ହାତରୁ ପୋଡ଼ ପିଠା ଖାଇଥାନ୍ତି। ଠାକୁରଙ୍କ ଏହି ମାଉସୀ ମା' ହେଲେ ଅର୍ଦ୍ଧାସିନୀ ଦେବୀ। ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଝି ଭାଗରେ ଅବସ୍ଥିତ ମାଉସୀ ମା' ମନ୍ଦିର। କେଶରୀ ବଂଶ ରାଜାଙ୍କ ରାଜତ୍ୱ କାଳରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ଭିତରେ ପୂଜା ପାଉଛନ୍ତି - ମାଉସୀ ମା ଅର୍ଦ୍ଧାସିନୀ। ମାଙ୍କ ମୂର୍ତ୍ତି କୃଷ୍ଣ ପଥରରେ ତିଆରି, ସେ ଦ୍ୱିଭୁଜା। ଦୁଇ ପାଖରେ ଅଛନ୍ତି ଦୁଇ ପାର୍ଶ୍ୱଦେବୀ ଛାୟା ଓ ମାୟା। ମୂର୍ତ୍ତିର କଟି ବେଶରୁ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ମୁଖାଟିଏ ଚାପି ଦିଆଯାଇଛି। ବର୍ଷକରେ ଦୁଇଥର ଆଶ୍ୱିନ ଓ ଆଷାଢ଼ ମାସରେ ଏଇ ମୁଖାକୁ ବନକଲାଗି କରାଯାଇଥାଏ। କୁହାଯାଏ ଅର୍ଦ୍ଧାସିନୀ ଦେବୀ ହେଉଛନ୍ତି ଦଇତାମାନଙ୍କର ଇଷ୍ଟ ଦେବୀ।

ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୨୦ ଫୁଟ। ଏହାସହ ରହିଛି ମୁଖଶାଳା ଓ ଜଗମୋହନ। ମନ୍ଦିରର ଦ୍ୱାର ଦେଶରେ ଅଛି ଗଜସିଂହାର ଭାସ୍କର୍ଯ୍ୟ। ଜଗମୋହନରେ ଦଶଅବତାର, ଦଶମହାବିଦ୍ୟା, ଦଶଭୂଜା ଦୁର୍ଗା ପ୍ରତ୍ୟହ ପୂଜା ପାଉଛନ୍ତି। ମାଉସୀ ମା ଯୋଗମାୟାଙ୍କ ଭଉଣୀ ସ୍ୱରୂପା ବୋଲି ମଧ୍ୟ କେହି କେହି କହିଥାନ୍ତି। ମନ୍ଦିରର ଆଧ୍ୟାତ୍ମିକ ପରିବେଶରେ ନବଗ୍ରହ, ଶିବ-ପାର୍ବତୀ, ଜଗନ୍ନାଥ, ରାଧା-କୃଷ୍ଣ, ରାମ-ସୀତା, ନୃସିଂହ, ଗଣେଷ ଓ ହନୁମାନ ପ୍ରଭୃତି ଦେବାଦେବୀ ସ୍ଥାନ ପାଇଛନ୍ତି । କୁହାଯାଏ - ଶ୍ରୀରାମ ବନବାସ ପୂର୍ବରୁ ମା' କୈକେୟୀଙ୍କୁ କହିଥିଲେ ଯେ ତୋ-ମୋ ସମ୍ପର୍କ ଜନ୍ମଜନ୍ମାନ୍ତରର। ଦ୍ୱାପରରେ ତୁ ହେବୁ ଯଶୋଦା ଓ ମୁଁ କାହ୍ନା । ଆଉ କଳିରେ ମୁଁ ହେବି ଦାରୁବ୍ରହ୍ମ ତୁ ମୋ ମାଉସୀ ମା। ତେଣୁ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ଭାବେ ଜଣାଶୁଣା ଏହି ଅର୍ଦ୍ଧାସିନୀ ଦେବୀ। ଦେବୀ ପୂଜା ପାଉଛନ୍ତି ବନଦୂର୍ଗା ମନ୍ତ୍ରରେ। ଆଜି ଯେଉଁଠି ବଳଗଣ୍ଡି ସାହି ଅଛି, ପୂର୍ବରୁ ସେଠାରେ ବହିଯାଇଥିଲା ମାଳିନୀ ନଈ। ଗୁଣ୍ଡିଚାଘରୁ ରଥରେ ଫେରୁଥିବା ଶ୍ରୀଜୀଉ ଏଇଠି ଟିକିଏ ଅଟକି ଯାଇ ମାଉସୀ ମା' ହାତରୁ ଶ୍ରଦ୍ଧାର ପୋଡ଼ ପିଠା ଖାଇ ପୁଣି ଭେଳାରେ ନଈ ପାରି ହୋଇ ଅନ୍ୟ ତିନି ରଥରେ ଆସିଥାନ୍ତି। ଆଜି କିନ୍ତୁ ସେ ନଈ ନାହିଁ,



ଠାକୁର ବଡ଼ଦାଣ୍ଡରେ ଗୁଣ୍ଡିଚା ଘରକୁ ଯାଇ ବାହୁଡୁଛନ୍ତି। କିନ୍ତୁ ଯାହାହେଲେ ବି ମାଉସୀ ମା'ଙ୍କ ନିକଟରେ ମହାପ୍ରଭୁ ଅଟକିବା ନିଶ୍ଚିତ।

ପ୍ରତ୍ୟେକ ଦିନ ମହାପ୍ରଭୁ ଭିନ୍ନ ଭିନ୍ନ ବସ୍ତ୍ର ପିନ୍ଧନ୍ତି। ଏସବୁ ରଙ୍ଗ ଅଲଗା ଅଲଗା। ସେମିତି ଠାକୁରଙ୍କ ଠାରେ ହେଉଥିବା ବେଶ ମଧ୍ୟ ବିଭିନ୍ନ ପ୍ରକାରର। ବିଭିନ୍ନ ରୂପରେ ଠାକୁର ଦର୍ଶନ ଦିଅନ୍ତି ଭକ୍ତଙ୍କୁ। ସେମିତି ଏକ ଦୁର୍ଲ୍ଲଭ ବେଶ ହେଲା - ସନ୍ଧ୍ୟାବେଶ। ମହାପ୍ରଭୁ ଗୁଣ୍ଡିଚା ଘରକୁ ଯାଇଥିବା ବେଳେ ମହାବେଦୀରେ ସାତଦିନ ଅବସ୍ଥାନ କରନ୍ତି। ଏହି ଅବସ୍ଥାନ କାଳରେ ପ୍ରତିଟି ସନ୍ଧ୍ୟାରେ ଠାକୁରଙ୍କର ଭିନ୍ନ ଭିନ୍ନ ବେଶ କରାଯାଏ। ସାଧାରଣତଃ ଗୁଣ୍ଡିଚା ମଣ୍ଡପକୁ କୁହାଯାଇଥାଏ ରାସ ମଣ୍ଡଳ। ତେଣୁ ଏଠାରେ ମହାପ୍ରଭୁଙ୍କର ରାସଲୀଳା ହେଉଥିବା କୁହାଯାଏ। ଏହାସହ ତାଙ୍କର ବିଭିନ୍ନ ରସମୟ ବେଶ କରାଯାଇଥାଏ। କୁହାଯାଏ - ନୀଳାଦ୍ରୀରେ ଦଶ ବର୍ଷ ଦର୍ଶନର ଫଳ ଗୁଣ୍ଡିଚା ଘରେ ଗୋଟିଏ ଦିନରେ ମିଳିଥାଏ । ଆଉ ଯଦି ସେଇ ଦିନଟି ନବମୀ ସନ୍ଧ୍ୟା ହୋଇଥାଏ, ତାହେଲେ ଏଥିରୁ ହଜାର ଗୁଣ ପୁଣ୍ୟଅର୍ଜନ କରିହୁଏ। ଆଡ଼କ ମଣ୍ଡପରେ ମହାପ୍ରଭୁଙ୍କ ଅନ୍ତିମ ଦର୍ଶନ ହେଲା - ନବମୀ ସନ୍ଧ୍ୟାଦର୍ଶନ। ଏହାପରେ ପ୍ରଭୁ ବାହୁଡ଼ା ପାଇଁ ପ୍ରସ୍ତୁତ ହୁଅନ୍ତି। ଠାକୁରଙ୍କ ଠାରେ ବାହୁଟ ଓ ସେନାପଟା ପ୍ରଭୃତି ଲାଗେ। ଦଇତାପତି ଓ ଅନ୍ୟାନ୍ୟ ସେବକମାନେ ତରତର ହୋଇଉଠନ୍ତି। ପ୍ରଭୁଙ୍କ ନୀଳାଚଳ ବିଜେ ପାଇଁ ସବୁ ବନ୍ଦୋବସ୍ତ ସମ୍ପନ୍ନ କରାଯାଏ। ଏହାବ୍ୟତୀତ ମହାପ୍ରଭୁଙ୍କର ଦୈନନ୍ଦିନ ସେବାରେ ମଧ୍ୟ ପ୍ରତ୍ୟେକ ଦିନ ସନ୍ଧ୍ୟାବେଶ କରାଯାଇଥାଏ।

*ଶିକ୍ଷାବିତ୍, ସେକ୍ଟର-୬, ସିଡିଏ, କଟକ*







# ରାଜ୍ୟରେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର : ଧର୍ମେନ୍ଦ୍ର

**କଳାହାଣ୍ଡି :** ରାଜ୍ୟରେ ଦୀର୍ଘ ୨୩ ବର୍ଷର ଦୁର୍ନୀତିଗ୍ରସ୍ତ, ସମ୍ବେଦନହୀନ, ସ୍ଥାଣୁ ସରକାର କାରଣରୁ ମାଆ ମାଣିକେଶ୍ୱରୀ ଓ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ପବିତ୍ର ଭୂମି କଳାହାଣ୍ଡି ସମେତ ଓଡ଼ିଶାରେ ବିକାଶ ହୋଇପାରୁନାହିଁ। ପ୍ରଧାନମନ୍ତ୍ରୀ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଉଥିବା ଅର୍ଥର ବ୍ୟାପକ ବାଟମାରଣା ହେଉଛି ବୋଲି ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଲାଲବାହାଦୁର ଷ୍ଟାଡିୟମରେ ଦଳ ପକ୍ଷରୁ ଅନୁଷ୍ଠିତ 'ଗରିବ କଲ୍ୟାଣ ମହାସମାବେଶ'ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ସହ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣର ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ସବକା ସାଥ୍-ସବକା ବିକାଶ-ସବକା ବିଶ୍ୱାସ-ସବକା ପ୍ରୟାସରେ କାମ କରୁଥିବା ସରକାର। ସେହି ମନ୍ତ୍ରକୁ ଆଧାର କରି ମୋଦିଜୀଙ୍କ ୯ ବର୍ଷରେ ଗରିବ କଲ୍ୟାଣର ପ୍ରୟୋଗଶାଳା ହୋଇଛି ଓଡ଼ିଶା। ମୋଦି ସରକାରରେ ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡିରେ ଗରିବ କଲ୍ୟାଣର ନୂଆ ପରିଭାଷା ତିଆରି ହୋଇଛି। ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା ଯୋଗୁଁ କଳାହାଣ୍ଡି ଭଳି ପଛୁଆ ଅଧ୍ୟୁଷିତ ଜିଲ୍ଲାରେ ଗରିବଙ୍କର ଅନେକ ସମସ୍ୟା ରହିଛି। ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ବୃଦ୍ଧି ହେବା ପରେ ମଧ ଚାଷୀମାନେ ନିଜ ସାମଗ୍ରୀର ନିର୍ଦ୍ଧାରିତ ମୂଲ୍ୟ ପାଉନାହାନ୍ତି। ମୋଦି ଟଙ୍କା ପଠାଇଲେ ମଧ ଧାନ କିଣା ହୋଇପାରୁନାହିଁ । ଜିଲ୍ଲାର ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିନାହିଁ। ଶିକ୍ଷା



ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଏହାର ରାଜନୈତିକ ଅପରିପକ୍ୱତାର ଚରମ ନିଦର୍ଶନ। ଏହାକୁ ଆଗାମୀ ଦିନରେ କଳାହାଣ୍ଡିର ସ୍ୱାଭିମାନୀ ଜନସାଧାରଣମାନେ ବିଚାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ। ମୋଦିଜୀ ୯ ବର୍ଷରେ ଚାଉଳ, ଘର, ପାଇଖାନା, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ୩ ଲକ୍ଷ ୯୭ ହଜାର ୯୦୦ ଟି ପରିବାରକୁ ସର୍ବମୋଟ ୧୦ ହଜାର ୨୮୦ କୋଟି ଟଙ୍କା ଦେଇଛନ୍ତି। ଏହି ହିସାବରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପରିବାର ପିଛା ମୋଦି ସରକାର ପ୍ରାୟ ୨ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି । ଏହାର ହିସାବ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୩ ଲକ୍ଷ ୪୯ ହଜାର ହିତାଧିକାରୀଙ୍କୁ ଜଣଙ୍କ ପିଛା ମାସିକ ୫ କେଜି ଚାଉଳ ହିସାବରେ ୨,୯୧୪ କୋଟି ଟଙ୍କା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ୧,୬୩୮ କୋଟି ଟଙ୍କା ମୂଲ୍ୟର ୧ ଲକ୍ଷ ୩୬ ହଜାର ୪୬୮ ଘର ଦିଆଯାଇଛି। ସହରାଞ୍ଚଳ ପାଇଁ ୧୬୦ କୋଟି ଟଙ୍କା ମୂଲ୍ୟର ୬ ହଜାର ୧୮୮ ଘର ଯୋଗଦାଇ ଦିଆଯାଇଛି। ସ୍ୱଚ୍ଛ ଭାରତ ଯୋଜନାରେ ୩ ଲକ୍ଷ ୩୨ ହଜାର ୯୨୮ ଶୌଚାଳୟ ପାଇଁ ୩୯୯ କୋଟି ଟଙ୍କା ଦିଆଯାଇଛି। ୨ ଲକ୍ଷ ୪୨ ହଜାର ୨୨୬ ହିତାଧିକାରୀଙ୍କୁ ୩୮.୭୫ କୋଟି ଟଙ୍କା ଉଜ୍ଜ୍ୱଳା ଗ୍ୟାସ ପ୍ରଦାନ କରାଯାଇଛି। କଳାହାଣ୍ଡିର ୭ ଲକ୍ଷ ୯ ହଜାର ୪୮୧ ଜଣଙ୍କୁ ୨୫୦୭ କୋଟି ଟଙ୍କା ମୁଦ୍ରା ଋଣ ବାବଦକୁ ସହାୟତା ଦିଆଯାଇଛି। ମନରେଗାରେ ୫ କୋଟି ଦିନର କାମ ଦିଆଯାଇଥିବା ବେଳେ ୧,୫୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏତଦ୍ ବ୍ୟତିତ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆରେ ୧୦୩ ଜଣ ଯୁବକଙ୍କୁ ୨୧ କୋଟି ୪୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି । ସ୍ୱନିଧି ଯୋଜନାରେ ୩୮୮ ଜଣ ଉଠା ଦୋକାନୀଙ୍କୁ ୨.୧ କୋଟି ଟଙ୍କାର ଋଣ ଦିଆଯାଇଛି। ୧ ଲକ୍ଷ ୯୮ ହଜାର ୫୦୭ ଟି ଏନଆରଏଲଏମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୫୪ କୋଟିର ଋଣ ଦେବାର ବ୍ୟବସ୍ଥା କରାଯାଇଛି। ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ବାବଦକୁ ୮୨ ହଜାର ୨୨୭ ଜଣ ହିତାଧିକାରୀଙ୍କୁ ୭୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧୮ ଲକ୍ଷ ୩୮ ହଜାର ୬୯୨ ଜଣ ହିତାଧିକାରୀଙ୍କୁ ୨୩ କୋଟି ଟଙ୍କା ମୂଲ୍ୟର ଏଲଇଡି ବଲ୍ବ ପ୍ରଦାନ କରାଯାଇଛି। ଏହା ପରେ କିନ୍ତୁ ଓଡ଼ିଶାରେ ଏକ ଅପରାଗ ଓ ଦୁର୍ନୀତିଗ୍ରସ୍ତ ସରକାର ପାଇଁ କଳାହାଣ୍ଡିର ବିକାଶ ହେଇପାରୁନାହିଁ। ଅପରପକ୍ଷରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱରେ ଏକ ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି। ବିଶ୍ୱର ଦୁଇ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ପ୍ରଧାନମନ୍ତ୍ରୀ ଓ ଆମେରିକାର ରାଷ୍ଟ୍ରପତି ଉଭୟ ଦେଶର ସମ୍ପର୍କକୁ ମଜଭୁତ୍ କରୁଛନ୍ତି। ଏହି ସମ୍ପର୍କ ଦ୍ୱାରା ବିଶ୍ୱରେ ୧୪୦ କୋଟି ଭାରତୀୟଙ୍କ ମାନ ସମ୍ମାନ ପ୍ରତିଷ୍ଠା ହୋଇଛି। ମୋଦି ସରକାରରେ ଖଣି ରାଜସ୍ୱ ବଢିଛି। ଓଡ଼ିଶା ପ୍ରତି କେନ୍ଦ୍ରୀୟ ଦାୟିତ୍ୱ ବଢିଛି।


## 'ନିର୍ବାଚିତ ପ୍ରତିନିଧିମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି'



**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ୫ଟି ସଚିବଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଏବଂ ଏହି ପରିପ୍ରେକ୍ଷୀରେ କଂଗ୍ରେସ ଲୋକଙ୍କ ଉପରେ ପୋଲିସର ଅତ୍ୟାଚାରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଯାହା ଖବର ମିଳୁଛି ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ୫ଟି ସଚିବ କାର୍ତିକେୟ ପାଣ୍ଡିଆନ ବିଭିନ୍ନ ଜିଲ୍ଲା ବୁଲି ସରକାରୀ ସଭା ସମିତିରେ ବିଭିନ୍ନ ଯୋଜନାର ଘୋଷଣା ଏବଂ ଅର୍ଥ ବ୍ୟବସ୍ଥା ସଂପର୍କରେ ପ୍ରତିଶୃତି ଦେଉଛନ୍ତି। ଯାହାକି ସାମ୍ବିଧାନିକ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି କରିବା କଥା। ମାତ୍ର ୫ଟି ସଚିବ ନିର୍ବାଚିତ ପ୍ରତିନିଧି ମାନଙ୍କର ସାମ୍ବିଧାନିକ ଅଧିକାରକୁ ଛଡ଼େଇ ନେଉଛନ୍ତି। ରାଜ୍ୟର ସଚେତନ ନାଗରିକ ଏହାକୁ ନାପସନ୍ଦ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ସିଏ ବିଡ଼ିଓ ହୋଇପାରନ୍ତି, ତହସିଲଦାର ହୋଇପାରନ୍ତି, ଜିଲ୍ଲାପାଳ ହୋଇପାରନ୍ତି ବା ସଚିବ ହୋଇପାରନ୍ତି ସମସ୍ତେ ନିଜ ନିଜ ସୀମା ଭିତରେ ରହି କାର୍ଯ୍ୟ ନିର୍ବାହ କରିବା କଥା। ମାତ୍ର ୫ଟି ସଚିବଙ୍କୁ ଦିଆଯାଇଥିବା କ୍ଷମତା ଠାରୁ ସେ ଅଧିକ କ୍ଷମତା ବ୍ୟବହାର କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ବିପଦ। ଏହି ପକ୍ରିୟା ଏକ ଅବାଂଛିତ ପକ୍ରିୟା। ମୁଖ୍ୟମନ୍ତ୍ରୀ ୫ଟି ସଚିବଙ୍କୁ ଏଭଳି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କି ନାହିଁ ତାହା ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରକାଶ କରନ୍ତୁ। କଂଗ୍ରେସ ଅମଳରେ ଜନପ୍ରତିନିଧି ମାନଙ୍କର ଏଭଳି ଦୟନୀୟ ଅବସ୍ଥା କେବେ ହୋଇନଥିଲା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାକୁ ୫ଟି ସଚିବଙ୍କ ଗସ୍ତ ପୂର୍ବରୁ ସେଠିକାର କଂଗ୍ରେସ ନେତୃମଣ୍ଡଳୀଙ୍କୁ ପୋଲିସ ଯେଭଳି ଭାବରେ ନଜର ବନ୍ଦି କରି ରଖିଥିଲା ତାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶୋଭନୀୟ ନୁହେଁ। ଯଦି ୫ଟି ସଚିବ ବିଭିନ୍ନ ଯୋଜନାର ରୂପାୟନ ପାଇଁ ଗସ୍ତ କରୁଛନ୍ତି ତେବେ ବାଲେଶ୍ୱରର ସାଧାରଣ ଜନତାର ସମସ୍ୟାକୁ ନେଇ ବିରୋଧି ମାନଙ୍କର ପ୍ରଶ୍ନ ପଚାରିବାର ଅଧିକାର ରହିଛି। ମାତ୍ର ପୋଲିସ୍ ଲଗାଇ କଂଗ୍ରେସ ନେତୃମଣ୍ଡିଳୀମାନଙ୍କୁ ଏଭଳି ହଇରାଣ ହରକତ୍ କରାଯାଉଛି, ତାହାକୁ ବରଦାସ୍ତ କରାଯିବ ନାହିଁ। ଯେତେବେଳେ ମୁଖ୍ୟ ଶାସନ ସଚିବ କେଉଁଠିକୁ ଗସ୍ତ କରୁଛନ୍ତି, ସେହି ଗସ୍ତରେ କେତେ ପୁଲିସ୍ ନିୟୋଜିତ ରହୁଛନ୍ତି ଏବଂ ୫ ଟି ସଚିବଙ୍କ ଗସ୍ତରେ କିଭଳି ବ୍ୟବସ୍ଥା ହେଉଛି, ତାହା ଆଜି ସାଧାରଣ ଜନତା ଦେଖୁଛନ୍ତି। ଗଣତନ୍ତ୍ରର ସ୍ତମ୍ଭ ଗୁଡ଼ିକର ନିର୍ଦ୍ଦିଷ୍ଟ ସୀମା ରହିଛି। କୌଣସି ସ୍ତମ୍ଭ ସୀମା ଟପିଲେ, ଗଣତାନ୍ତ୍ରିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୁଏ। ଜଣେ ଅଫିସରଙ୍କର କ୍ଷମତାର ପରିସର କ'ଣ ତାହା ସମସ୍ତଙ୍କୁ ଜଣା। ହେଲେ ଏବେ ଓଡ଼ିଶାରେ ଉଚ୍ଚ ପଦସ୍ଥ ଅଫିସରମାନେ ନିର୍ବାଚିତ ପ୍ରତିନିଧିମାନଙ୍କର କ୍ଷମତାକୁ ସଂକୁଚିତ କରିଦେଉଛନ୍ତି। ଏହା ପୂର୍ବରୁ ଆମେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବାବୁଙ୍କ ଅମଳରେ ଶାସନ ଅତିନିକଟରୁ ଦେଖୁଛୁ। ସେହି ସମୟରେ ବିଧାୟକ ଓ ମନ୍ତ୍ରୀମାନଙ୍କୁ ଏଭଳି ହତାଦାର କରାଯାଉନଥିଲା। ଏବେ ନବୀନ ବାବୁଙ୍କର ପ୍ରାଧାନ୍ୟ ମଧ କ୍ଷୁର୍ଣ୍ଣ ହେଉଥିବାର ମନେ ହେଉଛି।

# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ


**ଭୁବନେଶ୍ୱର :** ରାଜ୍ୟ ସରକାର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବିଶ୍ୱସ୍ତରୀୟ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ଏଥି ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ନନ୍ଦନକାନନର ରୂପାନ୍ତର ହେବ। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ଏହାର ରୂପାନ୍ତର କରାଯିବ। ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳକୁ ଏଥିରେ ସାମିଲ କରାଯିବ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତ୍ତନ ପାଇଁ ଏକ ବିସ୍ତୃତ ଓ ଭବିଷ୍ୟମୁଖୀ ପ୍ରସ୍ତାବ ରଖାଯାଇଛି । ଏ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକର ବ୍ୟବହାର ସଂପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗତ ମଇ ୨୩ ତାରିଖରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଯୋଜନାରେ ପରିଦର୍ଶକମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରଣ୍ଟେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିଅମ, ୱାଟର ବାର୍ଡ ଆଭିଆରୀ ଦେଶ ବିଦେଶରୁ



ନୂତନ ପ୍ରାଣୀ ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥା ରହିଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତର କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡଙ୍ଗ ଜଙ୍ଗଲ ଅଞ୍ଚଳର ବିକାଶ କରାଯିବ। ଏଥିରେ ରାତ୍ରୀ ସଫାରୀ ଓ ସଫାରୀ କମ୍ପଲେକ୍ସର ବିକାଶ କରାଯିବ। ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍ ଭାବରେ ବିକାଶ କରିବା ପାଇଁ ଯୋଜନା ରହିଛି। ଏଥିରେ ଆକ୍ଟିଭିଟି ଭିତ୍ତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି। ଏହାସହିତ ସିଟିଜନେ ସାଇନ୍ସ, ନୋ ୟୋର ଟ୍ରି ଆଦି ବିଭିନ୍ନ ଆକ୍ଟିଭିଟି କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇର୍ଣ୍ଟର୍ନସିଭ ଓ ଜୁ ଭଲ୍ୟୁଣ୍ଟିଅର ଆଦି କାର୍ଯ୍ୟକ୍ରମ କରାଯିବ।

## ସିଡିପିଓ ଅଫିସରେ ବ୍ୟାପକ ଦୁର୍ନୀତି

**ଭଦ୍ରକ :** ଭଦ୍ରକ ବ୍ଲକ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ବ୍ୟାପକ ହରିଲୁଟ୍ ଚାଲିଛି। ଏଠାରେ ସମସ୍ତ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କାର୍ଯ୍ୟରତ ସିଡିପିଓ ସୁନନ୍ଦା ଦାସ ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ଛତୁଆ ଦୁର୍ନୀତି ଠାରୁ ଆରମ୍ଭ କରି ଅଙ୍ଗବାଡି କର୍ମୀ ନିଯୁକ୍ତିରେ ମଧ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ୱାର୍ଡ ନମ୍ବର-୩ ସ୍ୱିପର କଲୋନୀରେ ଜଣେ ଅଙ୍ଗନବାଡି କର୍ମୀ ନିଯୁକ୍ତି ନେଇ ୧୧.୫.୨୦୨୨ ତାରିଖରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଯାହାର ନମ୍ବର ହେଉଛି ୫୭୧। ସରକାରୀ ନିୟମ ଅନୁସାରେ ଏଥିପାଇଁ ଯେଉଁ ପ୍ରାର୍ଥୀ ଆବେଦନ କରିବେ ସେମାନେ ସେହି ୱାର୍ଡର ବାସିନ୍ଦା ହୋଇଥିବା ଦରକାର। କିନ୍ତୁ ପରିତାପର ବିଷୟ ଜ୍ୟୋତ୍ସ୍ନାରାଣୀ ପଣ୍ଡା ନାମକ ଜଣେ ପ୍ରାର୍ଥୀ ଏହି ୱାର୍ଡର ଲୋକ




ହୋଇନଥିଲେ ସୁଦ୍ଧା ଆବେଦନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଯାଞ୍ଚ କରାଯିବାରୁ ଚୟନ କମିଟି ଏହା ଜାଣିପାରିଥିଲେ। ତେଣୁ ଜ୍ୟୋସ୍ନାରାଣୀଙ୍କ ଆବେଦନ ପତ୍ର ନାକଚ କରାଯାଇଥିଲା। ଏ ବାବଦରେ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ ଏବଂ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏଭଳି ଆଦେଶ ଦେଇଥିଲେ। ସେତେବେଳେ ଜଣାପଡିଥିଲା ଜ୍ୟୋସ୍ନାରାଣୀ ୨ ନମ୍ବର ୱାର୍ଡର ବାସିନ୍ଦା ଅଟନ୍ତି। ହେଲେ ଚଳିତ ବର୍ଷ ପୁନର୍ବାର ୩.୫.୨୦୨୩ ତାରିଖରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଯାହାର ନମ୍ବର ୫୨୯ ଅଟେ। ବଡ ଆଶ୍ଚର୍ଯ୍ୟର କଥା ଗତଥର ଯୋଗ୍ୟ ହୋଇପାରିନଥିବା ଆବେଦନକାରୀ ଜ୍ୟୋସ୍ନାରାଣୀ ଏଥର କିନ୍ତୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ୨୦୨୨ ମସିହାରେ ଜଣେ ଅଯୋଗ୍ୟ ଘୋଷିତ ହୋଇଥିବା ପ୍ରାର୍ଥୀ ୨୦୨୩ ମସିହାରେ ଯୋଗ୍ୟ ବିବେଚିତ ହେଲେ କିପରି ? ଏନେଇ ସିଡିପିଓ ମହୋଦୟାଙ୍କୁ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ପ୍ରଶ୍ନ କରିବାରୁ ସେ ଏହାକୁ ଟାଳିଦେବା ସହିତ କୌଣସି ତଥ୍ୟ ଦେଉନାହାନ୍ତି। ଯାହାକୁ ନେଇ ଶ୍ରୀ ଧଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ତେଣୁ ସିଡିପିଓ କେଉଁ ଆଧାରରେ ହଁ କୁ ନା ଓ ନା କୁ ହଁ କରି କାର୍ଯ୍ୟ କରୁଛନ୍ତି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର।

## ଖୋରଧା ଜିଲ୍ଲା ରେଜିଷ୍ଟ୍ରାର ଅଫିସ କାର୍ଯ୍ୟାଳୟରେ ଅମଲା ସ୍ତରରେ ବଦଳି ଆଦେଶ ସ୍ଥଗିତ

**ଭୁବନେଶ୍ୱର :** ଖୋରଧା ଜିଲ୍ଲାର ବିଭିନ୍ନ ନିବନ୍ଧକ ଓ ଉପନିବନ୍ଧକ ଦପ୍ତର ମାନଙ୍କରେ କାର୍ଯ୍ୟରତ ୨୮ଜଣ ଅମଲା ମାନଙ୍କର ଅନ୍ୟତ୍ର ବଳି ଆଦେଶ ଜିଲ୍ଲା ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ତରଫରୁ ଆଦେଶ ନଂ.୧୧୦୨ ତା.୧୨.୬.୨୩ରେ ବଦଳି ଥିବା ଅମଲା ମାନଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। କୌଣସି ବଦଳି କମିଟି ଗଢ଼ା ଯାଇନଥିବା ଏବଂ ବଦଳି ପାଇଁ ଅନୁମୋଦନ ନଥିବାରୁ ଇନ୍‌ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ତାଙ୍କ ଚିଠି ନଂ. ଏକ୍ସଏକ୍ସଏକ୍ସଆଇ-୦୨/୨୦୨୧ /୨୬୭୨/ ୨୩.୬.୨୩ ଉପରୋକ୍ତ ବଦଳି ଆଦେଶକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## ଶୀତଳାପଲ୍ଲୀରେ ହେବ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ

**ଭୁବନେଶ୍ୱର :** ଗଞ୍ଜାମ କନିସି ଶୀତଳାପଲ୍ଲୀ ମୌଜାରେ ଟାଟା ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଯୋଗାଇ ଦିଆଯାଇଛି ୪୩ ଏକରରୁ ଅଧିକ ଜମି। ଏ ବାବଦରେ ଇନସିଡେଣ୍ଟାଲ ଚାର୍ଜ ଓ ବାର୍ଷିକ ଭୂରାଜସ୍ୱ, ସେସ ଓ ସମସ୍ତ ଦେୟ ଉପରେ ସୁଧ ଛାଡ଼ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଟାଟାକୁ ଉକ୍ତ ଜମି ଲିଜରେ ନେବା ପାଇଁ ଏବେ ଠାରୁ ଏକର ପିଛା ଶହେ ଟଙ୍କା ହିସାବରେ ବାର୍ଷିକ ଭୂ-ରାଜସ୍ୱର ୭୫ ପ୍ରତିଶତ ହିସାବରେ ବାର୍ଷିକ ସେସ ଦେବାକୁ ପଡିବ। ସେହିପରି ଅନାଥାଶ୍ରମ, ଦୃଷ୍ଟିହୀନଙ୍କ ପାଇଁ ସ୍କୁଲ ପାଇଁ ସ୍ୱତନ୍ତ୍ର ଖଜଣା ଧାର୍ଯ୍ୟ କରାଯାଇଛି। ସରକାରୀ ଜମି ଲିଜ ପ୍ରଦାନ କ୍ଷେତ୍ରରେ ସେସବୁ ଅନୁଷ୍ଠାନଗୁଡିକ ଖଜଣା ବାବଦରେ ଏକର ପିଛା ବାର୍ଷିକ ଶହେ ଟଙ୍କା ଓ ସେସ ବାବଦରେ ବାର୍ଷିକ ଖଜଣାର ୭୫ ପ୍ରତିଶତ ଦେୟ ଦେବେ। ସେହିପରି ଅବଡା ଯୋଜନାର ମୋଟ ଅଟକଳରେ ବୃଦ୍ଧିକୁ କ୍ୟାବିନେଟ ମୋହର ମାରିଛି। ଏଥର ଅଟକଳ ୪୨୨୪.୨୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଓଡ଼ିଶା ଜିଏସଟି ସଂଶୋଧନ ବିଧେୟକ ୨୦୨୩କୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଏଥିରେ ଜିଏସଟି ବ୍ୟବସ୍ଥାକୁ ସରଳ କରିବା ସହିତ ଟିକସଦାତାଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରସ୍ତାବ ରହିଛି। କମ୍ପୋଜିସନ୍ ଲେଭି ଅଧୀନରେ ଟିକସ ଦେବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଇ ଦେବାର ପ୍ରସ୍ତାବ ରହିଛି। ଟିକସ ଯୋଗ୍ୟ ବ୍ୟକ୍ତି କର୍ପୋରେଟ ସାମାଜିକ ଦାୟିତ୍ୱ ସମ୍ବନ୍ଧୀୟ କାର୍ଯ୍ୟ କରିଥିଲେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଉପଲବ୍ଧ ହେବନି। ଜିଏସଟି ବିବାଦ ତୁଟାଇବାକୁ ପ୍ରଧାନ ଖଣ୍ଡପୀଠ ଓ ରାଜ୍ୟ ଖଣ୍ଡପୀଠ ଗଠନ ପାଇଁ ପ୍ରସ୍ତାବ ରହିଛି। ସେହିପରି କେତେକ ଅପରାଧରେ ଆର୍ଥିକ ଦେୟ ସୀମା ୧ କୋଟିରୁ ୨ କୋଟିକୁ ବୃଦ୍ଧି ପ୍ରସ୍ତାବ ରହିଛି। ଓଡ଼ିଶା ପ୍ରବରଣ ଆୟୋଗ ନିୟମାବଳୀ ୧୯୯୫ର ସଂଶୋଧନକୁ କ୍ୟାବିନେଟରେ ମଞ୍ଜୁରି ମିଳିଛି। ଏଥିରେ ଅଧକ୍ଷ ଓ ସଦସ୍ୟମାନଙ୍କ ୬୨ରୁ ୬୫ ବର୍ଷ ପର୍ଯ୍ୟନ୍ତ ବୟସ ସୀମା ବୃଦ୍ଧି, ବେତନ ବୃଦ୍ଧି, ଅତିରିକ୍ତ ପେନସନ ନିବୃତ୍ତ କରିବାକୁ ବ୍ୟବସ୍ଥା କରାଯାଇଛି।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

## ଯୁଗଳ କିଶୋରଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ ପୁରସ୍କାର

**ନୂଆଦିଲ୍ଲୀ:** ଓଡିଆ କ୍ଷୁଦ୍ର ଗଳ୍ପ 'ଜେଜେଙ୍କ ଗପ ଗଣ୍ଠିଲି' କୁ ମିଳିବ ବାଲ୍ ସାହିତ୍ୟ ପୁରସ୍କାର। ୨୦୨୩ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ (ଶିଶୁ) ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ପ୍ରକାଶିତ ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ଲିଖିତ 'ଜେଜେଙ୍କ ଗପ ଗଣ୍ଠିଲି'(କ୍ଷୁଦ୍ର ଗଳ୍ପ)କୁ ବାଲ୍ ସାହିତ୍ୟ ପୁରସ୍କାର ମିଳିବ ବୋଲି ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ଲେଖକ ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ପୁରସ୍କାର ବାବଦକୁ ଏକ ତାମ୍ରଫଳକ ସାଙ୍ଗକୁ ୫୦ ହଜାର ଟଙ୍କାର ଅର୍ଥରାଶି ଦିଆଯିବ। ଚଳିତ ବର୍ଷ ୨୨ଟି ଭାଷାରେ ପ୍ରକାଶିତ ଶିଶୁ ସାହିତ୍ୟ ସମ୍ବଳିତ ପୁସ୍ତକ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ସୂଚନା ଅନୁସାରେ, ଚଳିତବର୍ଷ ଓଡ଼ିଆ ସମେତ ହିନ୍ଦୀ, ବଙ୍ଗଳା, ଅସମୀୟା, ଇଂରାଜୀ, ଗୁଜୁରାଟୀ, କନ୍ନଡ଼, କୋଙ୍କଣୀ, ମୈଥିଳି, ମାଲାୟାଲାମ, ମରାଠୀ, ନେପାଳୀ, ପଂଜାବୀ, ରାଜସ୍ଥାନୀ, ସଂସ୍କୃତ, ସାନ୍ତାଳୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ବୋଡୋ, ଡୋଗ୍ରୀ ଭଳି ଭାଷାରେ ଲିଖିତ ପୁସ୍ତକ ପାଇଁ ପୁରସ୍କାର ଘୋଷଣା କରାଯାଇଛି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**